ଧରିତ୍ରୀ
DHARITRI
September 9-15, 2018 ₹ 2/-

# ଛୁଟିଦିନ





# ସୋନପୁରୀ ଶାଢ଼ି

୩ ପ୍ରଚ୍ଛଦ ପ୍ରସଙ୍ଗ

ଶତାଧିକ ବର୍ଷ ଧରି ବୟନ ଓ ବାନ୍ଧକଳାରେ ସମର୍ପିତ ହୋଇଛି ଏହି ବୁଣାକାରମାନଙ୍କ ଜୀବନ; ଯେଉଁଥିପାଇଁ ସୋନପୁରୀ ଶାଢ଼ିର ଚାହିଦା କେବଳ ଓଡ଼ିଶା ଭିତରେ ସୀମିତ ନ ହୋଇ ପହଞ୍ଚିଛି ସାରା ବିଶ୍ୱରେ...



୮/୯ ସିନେମା



୧୩ ସହରଠୁ ଦୂର

# ଘରର ସୌନ୍ଦର୍ଯ୍ୟ ଓ ସୌଭାଗ୍ୟ ପାଇଁ ଡୋର ସ୍କ୍ରିନ୍

ସ୍ୱପ୍ନର ଘରଟିଏ କରିବା ପାଇଁ ଭଣା ଅଧିକେ ସମସ୍ତେ ଚାହିଁଥାନ୍ତି। ତେବେ ଘରଟି ନିର୍ମାଣ ହୋଇଗଲା ପରେ ତା'ର ସାଜସଜ୍ଜା ମଧ୍ୟ ବେଶ୍ ଗୁରୁତ୍ୱ ରଖିଥାଏ। ଘରର ସାଜସଜ୍ଜାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ଡୋର କର୍ଟେନ । ତେବେ ବାସ୍ତୁ ଅନୁଯାୟୀ କେଉଁ ଦିଗରେ କିଭଳି ରଙ୍ଗର ଡୋର କର୍ଟେନ୍ ଲଗାଇଲେ ଶୁଭଫଳ ମିଳିଥାଏ ସେ ସମ୍ପର୍କରେ।



✲ ପୂର୍ବ ଦିଗରେ ଅବସ୍ଥିତ କୋଠରିରେ ସବୁଜ ରଙ୍ଗର ଡୋର କର୍ଟେନ୍ ଲଗାଇଲେ ବାଣିଜ୍ୟ ବ୍ୟବସାୟରେ ଶୁଭଫଳ ମିଳିବା ସହିତ ଆୟ ଜନିତ ଉତ୍ସ ମଧ୍ୟ ବୃଦ୍ଧି ପାଇଥାଏ।

✲ ପଶ୍ଚିମ ଦିଗରେ ଅବସ୍ଥିତ କୋଠରିଗୁଡ଼ିକ ପାଇଁ ଧଳାରଙ୍ଗର ଡୋର କର୍ଟେନ୍ ଶୁଭ ବୋଲି କୁହାଯାଏ। ଏହାଦ୍ୱାରା ଘରର ସଦସ୍ୟଙ୍କୁ ସମସ୍ତ କାର୍ଯ୍ୟରେ ସୁଫଳ ମିଳିଥାଏ।

✲ ଉତ୍ତର ଦିଗରେ ଥିବା କୋଠରିରେ ନୀଳରଙ୍ଗର ଡୋର କର୍ଟେନ୍ ଲଗାଇବା ଦ୍ୱାରା ଘରେ ଧନ ସମ୍ପଦର ଅଭାବ ପରିଲକ୍ଷିତ ହୁଏ ନାହିଁ।

✲ ଦକ୍ଷିଣ ଦିଗରେ ଥିବା କୋଠରି ପାଇଁ ନାଲିରଙ୍ଗର ଡୋର କର୍ଟେନ୍ ଅତ୍ୟନ୍ତ ଉପଯୁକ୍ତ ଏହା ଦ୍ୱାରା ଘରେ ସଦସ୍ୟମାନଙ୍କ ମଧ୍ୟରେ ସ୍ନେହ, ଭଲପାଇବା ବୃଦ୍ଧି ଘଟିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୯-୧୫

### ମେଷ



କାର୍ଯ୍ୟସିଦ୍ଧି ଅବଶ୍ୟମ୍ଭାବୀ, ବନ୍ଧୁଙ୍କ ସହାନୁଭୂତି, ଯାତ୍ରାରେ ସଫଳତା, ଯାନବାହନରେ କ୍ଷତି, ଆନୁଷ୍ଠାନିକ କାର୍ଯ୍ୟ,ମିଷ୍ଟାନ୍ନ ଲାଭ, ଭୋଗ ବିଳାସ, ନୂତନ ବନ୍ଧୁ ସମ୍ପର୍କ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ।

### ବୃଷ




ଶାରୀରିକ ସୁସ୍ଥତା, ଅର୍ଥ ସମ୍ପଦ ପ୍ରାପ୍ତ। କାର୍ଯ୍ୟ ସ୍ଥଗିତ, ମାନସିକ କ୍ଷୋଭ, ଲୋକ ସପର୍କ ବୃଦ୍ଧି, ବନ୍ଧୁ ମିଳନ, ନୂତନ ସ୍ଥାନ ପରିଭ୍ରମଣ, ଦୂରଯାତ୍ରା କରିବେ, କର୍ମକ୍ଷେତ୍ରରେ ଅବନ୍ନତି, ଗୃହରେ ପୂଜାପାର୍ବଣ, ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ।

### ମିଥୁନ



ଯାତ୍ରାରେ ସଫଳତା, ଆଳସ୍ୟ ଓ ଅବହେଳା। ସୁଯୋଗ ହରାଇବେ, ପଡୋଶୀଙ୍କ ସହଯୋଗ, ପଦମର୍ଯ୍ୟାଦା ବୃଦ୍ଧି। ବାଣିଜ୍ୟର ଅଭିବୃଦ୍ଧି, ବନ୍ଧୁଙ୍କ ପ୍ରେରଣା।

### କର୍କଟ



ନୂତନ କର୍ମାରମ୍ଭ, ବସ୍ତ୍ରାଳଙ୍କାର ପ୍ରାପ୍ତି, କର୍ମକ୍ଷେତ୍ରରେ ମତାନ୍ତର, ଫଳପ୍ରାପ୍ତିରେ ବାଧା, ନୂତନ ସମ୍ପର୍କ ଯୋଡିବେ, ଆର୍ଥିକ ଅନଟନ, ପରିସ୍ଥିତିକୁ ସମ୍ଭାଳି ନେବେ। ଶୁଭଖବର ପାଇବେ।

### ସିଂହ



ଚେଷ୍ଟାରେ ସଫଳତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଅପ୍ରିୟ ସତ୍ୟରୁ କଳହ, ପ୍ରିୟ ବନ୍ଧୁଙ୍କ ସାନ୍ନିଧ। ମୂଲ୍ୟବାନ୍ ଦ୍ରବ୍ୟଲାଭ, ସହକର୍ମୀଙ୍କ ସହାନୁଭୂତି, ଶତ୍ରୁତାର ସମାଧାନ।

### କନ୍ୟା



ଆଶା ପୂରଣ, ଅନୁକୂଳ ପରିବେଶ, ସ୍ୱଜନ ଶତ୍ରୁତା, ସମ୍ପର୍କ ହାନି, ନୂତନ ଯୋଜନା, ନୂତନ ସମ୍ପର୍କ ସୃଷ୍ଟି, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ବୃଥା ଆଶଙ୍କା, ମାମଲାରୁ ଦୁଶ୍ଚିନ୍ତା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଜମିଜମା କଳହ।

### ତୁଳା




ଶୁଭଖବର, ବନ୍ଧୁଙ୍କ ପ୍ରେରଣା, ଦୁଃସାଧ କାର୍ଯ୍ୟ ସାଧନ, ଅପେକ୍ଷାକୃତ ଅସୁବିଧା, ପାରିବାରିକ ତିକ୍ତତା, ସମ୍ପର୍କୀୟଙ୍କ ହତାଦର, ସନ୍ତାନ ହେତୁକ ଗୌରବ, ଶିକ୍ଷାରେ ଉନ୍ନତି, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ, ରାଜନୈତିକ ସଫଳତା।

### ବିଛା



ଅର୍ଥ ଓ ସମ୍ମାନ ଲାଭ, ଉଦ୍ୟମ ସଫଳ ହେବ, ଗୌରବର୍ଣ୍ଣ ବ୍ୟକ୍ତିଙ୍କ ସାହାଯ୍ୟ, ସହନଶୀଳତାରୁ ପ୍ରଶଂସା, ଶୁଭକାର୍ଯ୍ୟରେ ଯୋଗ, ଦୂରଯାତ୍ରାର ସୁଯୋଗ। ବ୍ୟବସାୟିକ ବିଫଳତା, ଋଣଗ୍ରସ୍ତ ହେବେ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ନୂତନ ନିଯୁକ୍ତି।

### ଧନୁ




କଠିନ ପରିଶ୍ରମ, ସ୍ୱାସ୍ଥ୍ୟ ଭଲ ରହି ନ ପାରେ, ବିବାଦଗ୍ରସ୍ତ ହୋଇପାରନ୍ତି, ଖର୍ଚ୍ଚ ପରିମାଣ ବୃଦ୍ଧି, କର୍ମ କ୍ଷେତ୍ରରେ ତତ୍ପରତା, ଶୁଭ ଖବର ମିଳିବ, ପାରିବାରିକ ଭୁଲ୍ ବୁଝାମଣା, ସମ୍ପର୍କୀୟଙ୍କ ସହାନୁଭୂତି, ବ୍ୟବସାୟରୁ ଲାଭ, ବନ୍ଧୁଙ୍କ ପ୍ରତାରଣା।

### ମକର



ସୁସ୍ଥ ମାନସିକତା, ପରିସ୍ଥିତିକୁ ସଜାଡିବେ, ଚେଷ୍ଟା ବ୍ୟର୍ଥ ହେବନି, ଅର୍ଥ ସାହାଯ୍ୟ ମିଳିବ, ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗ। ବ୍ୟବସାୟରେ ଲାଭ, ରିସ୍କ ପଦକ୍ଷେପ ନେବେ, ବିବାଦର ଅବସାନ, ବସ୍ତ୍ରଭୂଷଣ ପ୍ରାପ୍ତି।

### କୁମ୍ଭ



ବନ୍ଧୁ ମିଳନ, ବିବାଦରେ ବିଜୟ, ସହକର୍ମୀଙ୍କ ସୌଜନ୍ୟତା, ଗବେଷଣାରେ ଅଗ୍ରଗତି, ସାମ୍ବାଦିକତାରୁ ପ୍ରଶଂସା, ପାରିବାରିକ କଳହ, ସଂଯମତା ହରାଇବେ, ଧାର କରଜ, କଠିନ ପରିଶ୍ରମ, ସମାଲୋଚନା, ସାମୟିକ ଅସୁସ୍ଥତା।

### ମୀନ



କର୍ମପରିସର ବୃଦ୍ଧି, ବାଚନିକ ସାହାଯ୍ୟ, ପଡୋଶୀଙ୍କ ଅସୂୟାଭାବ, ପରିବହନରେ ଝଗଡା, ସାଧାରଣ କଥାରୁ କଳହ, ଗୃହସୀମା ବିବାଦ, ଭ୍ରାତୃ ସମ୍ପର୍କରେ ଅବନ୍ନତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ମନୋରଞ୍ଜନ କାର୍ଯ୍ୟକ୍ରମ, ପ୍ରଶଂସିତ ହେବେ।

# ଗଣେଶ ମୂର୍ତ୍ତି ସଂଗ୍ରହକରି ରେକର୍ଡ

ବିଭିନ୍ନ ଲୋକଙ୍କ ସଉକ ଭିନ୍ନ ଭିନ୍ନ ପ୍ରକାରର। ତେବେ କେତେକେ ବିଭିନ୍ନ ପ୍ରକାରର ସାମଗ୍ରୀ ସଂଗ୍ରହ କରିବାରେ ପା'ନ୍ତି ଆନନ୍ଦ। ସେଭଳି ଜଣେ ବ୍ୟକ୍ତି ହେଉଛନ୍ତି ସିକନ୍ଦରାବାଦର ପାବସେଟ୍ଟି ଶେଖର। ପାବସେଟ୍ଟିଙ୍କର ଗଣେଶ ମୂର୍ତ୍ତି ସଂଗ୍ରହ କରିବାର ଏକ ନିଆରା ସଉକ ପିଲାଟି ଦିନୁ ଥିଲା। ସେ ଛୋଟ ଥିଲା ବେଳେ ଗଣେଶଙ୍କ ଚିତ୍ର ଆଙ୍କିବା, ମାଟିରେ ଗଣେଶଙ୍କ ମୂର୍ତ୍ତି ଗଢ଼ିବାରେ ରୁଚି ରଖୁଥିଲେ। କାଳକ୍ରମେ ସେ ଗଣେଶଙ୍କ ବିଭିନ୍ନ ପ୍ରକାର ମୂର୍ତ୍ତି ସଂଗ୍ରହ କରିବା ଆରମ୍ଭକଲେ। ଏଯାବତ ତାଙ୍କ ନିକଟରେ ଭଗବାନ ଗଣେଶଙ୍କ ୩୨ ବିଭିନ୍ନ ଅବତାରର ସର୍ବମୋଟ ୧୬,୮୬୫ଟି ମୂର୍ତ୍ତି, ୧୮୪୨ଟି ଫଟୋ, ୧୦୯୮ଟି ପୋଷ୍ଟର ସମେତ ଭଗବାନ ଗଣେଶଙ୍କ ବିଭିନ୍ନ ପୁସ୍ତକ, କି ଚେନ୍ ଏବଂ ଅନେକ ଅଡିଓ ଭିଡିଓ କ୍ୟାସେଟ ମଧ୍ୟ ରହିଛି। ପାବସେଟ୍ଟିଙ୍କ ଏହି ବିରଳ



ସଂଗ୍ରହ ସକାଶେ ତାଙ୍କୁ ସ୍ଥାନ ମିଳିଛି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ। ତାଙ୍କ ସଂଗ୍ରହ ମଧ୍ୟରେ ବିଭିନ୍ନ ଧାତୁ ଯଥା ସୁନା, ରୁପା, ବ୍ରୋଞ୍ଜ, ବ୍ରାସ, ଆଲୁମିନିୟମ ସମେତ ଟେରାକୋଟା, ମାର୍ବଲ, କ୍ରିଷ୍ଟାଲ, ଗ୍ରାନାଇଟ୍ ଆଦିରେ ନିର୍ମିତ ବିଭିନ୍ନ ଆକାର ଏବଂ ପ୍ରକାରର ଗଣେଶ ମୂର୍ତ୍ତି ରହିଛି। ତେବେ ଭବିଷ୍ୟତରେ ଏହି ମୂର୍ତ୍ତିଗୁଡ଼ିକର ଏକ ମ୍ୟୁଜିୟମ ନିର୍ମାଣ କରିବାର ଲକ୍ଷ୍ୟ ରଖିଛନ୍ତି ପାବସେଟ୍ଟି।

# ପାଠକୀୟ

■ଭଉଣୀଭାଇର ସମ୍ପର୍କ ଯେତିକି ଆପଣାର ସେତିକି ଗଭୀର। ଏଥିରେ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଯେମିତି ଥାଏ, ମିଠାମିଠା ମାନ ଅଭିମାନ ବି ସେମିତି ଥାଏ। ଆଉ ପରିସ୍ଥିତିରେ ପଡିଲେ ଏମାନେ ପରସ୍ପରର ସାହାଭରସା ବି ସାଜିଥାନ୍ତି। ତେଣୁ ଏଥରର ରାଖୀ ପୂର୍ଣ୍ଣିମା ଅବସରରେ ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଭଉଣୀଭାଇ ଦୁହେଁ ଦୁହିଁଙ୍କ ପାଇଁ' ପାଠଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ରାଖୀ କେଉଁଠି କେମିତି' ଏବଂ 'ବିଶାଳ ରାଖୀ' ଆଦି ପାଠଦୁଇଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ପ୍ରକାଶ ଚନ୍ଦ୍ର ପ୍ରଧାନ, ଆସ୍କା*

■ଏଥରର ମୁଖ୍ୟ ପ୍ରସଙ୍ଗ 'ଭଉଣୀଭାଇ ଦୁହେଁ ଦୁହିଁଙ୍କ ପାଇଁ' ପାଠଟିରୁ ମା'ବାପା ଛେଉଣ୍ଡ ହୋଇଥିବା କେତେଜଣ ଭାଇଭଉଣୀ କେମିତି ପରସ୍ପରର ସାହାଭରସା ହୋଇ ଚଳୁଛନ୍ତି ତାହା ଜାଣିହେଲା। ଲାଇଫ୍ ଷ୍ଟାଇଲ୍‌ରେ 'ରାଖୀ ଲୁକ୍' ବିଷୟରେ ନୂଆ ନୂଆ କଥା ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଅଭିନେତା ପ୍ରାନ୍‌ଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଧନ୍ୟବାଦ।

*–ରାକେଶ ପଣ୍ଡା, ରେଲୱେ କଲୋନୀ, ପୁରୀ*

■ସିନେମା ପୃଷ୍ଠାରେ ସ୍ଥାନିତ 'ହର୍ଷବର୍ଦ୍ଧନଙ୍କ ଗୁଳିଫୁଟା ମିଶନ', 'ଆଥିୟାଙ୍କ ଫଟୋ ସେଶନ ନିଶା', 'କାରଣ ଖୋଜୁଛନ୍ତି ଜ୍ୟାକ୍‌ଲିନ୍' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା। ଆର୍କିଟେକ୍ଟ ନମିତା ଦାଶଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁପାରିଥିଲା। 'ଭିନ୍ନ ମଣିଷ ମଧୁଭାଇ' ସତରେ ଜଣେ ଉଦାହରଣ ସୃଷ୍ଟିକାରୀ ବ୍ୟକ୍ତିତ୍ୱ। 'ଗାଁ ଯେଉଁଠି ଗଛରେ ବନ୍ଧାଯାଏ ରାଖୀ' ପାଠଟି ବି ଏକ ନିଆରା ବିଷୟ ଥିଲା।

*–ରାହୁଲ ପାଇକରାୟ, ଭବାନୀପାଟଣା*

■ମଡେଲ୍ ମିରର୍‌ରେ 'ଅନୁମିତା' ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'ନମେରି ରାଷ୍ଟ୍ରୀୟ ଉଦ୍ୟାନ' ସମ୍ପର୍କରେ ଅନେକ ନୂଆ ତଥ୍ୟ ଜାଣି ଖୁସି ଲାଗିଲା। 'ବ୍ୟାଙ୍କ–ଯେଉଁଠି ରୋବଟ୍ କରନ୍ତି କାମ', 'କୁକୁଡାଙ୍କ ପାଇଁ ଡାଇପର୍' ଏବଂ 'ଆଳୁର ଦାମ୍ ୭ କୋଟି' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ଅମରେଶ ମହାନ୍ତି, ମେଡିକାଲ ଛକ, ପୁରୀ*

■'ହାସ୍ୟାଭିନେତା ହିଁ ଅସଲ ନାୟକ', 'ଈର୍ଷଣୀୟ ନାଟ୍ୟପୁରୁଷ ନବଘନ' ଇତ୍ୟାଦି ପାଠରୁ ଯାତ୍ରା ସମ୍ପର୍କିତ ଅନେକ ତଥ୍ୟ ଜାଣିବାକୁ ମିଳିଲା। କାର୍ଟୁନ କର୍ନର ମଧ ମଜାଦାର୍ ହୋଇପାରୁଛି।

*–ଧର୍ମେନ୍ଦ୍ର ପଟ୍ଟନାୟକ, ଫୁଲନଖରା, କଟକ*

## ବିଶେଷ ଚିଠି



ଛୁଟିଦିନ ଧରିତ୍ରୀ ସବୁରି ପ୍ରିୟ
ସବୁ ଖବରରେ ସେ ଅତୁଳନୀୟ,
ସୃଜନ ହେଉ ଅବା ପ୍ରଚ୍ଛଦ ପ୍ରସଙ୍ଗ
ସାଥୀ ହେଉ ଅବା ବ୍ୟକ୍ତିତ୍ୱ,
ସବୁଥିରେ ଥାଏ କିଛି ତାଜା ଖବର
ସେଥିପାଇଁ ତ ରବିବାର ହେଲେ
ତୋତେ ପଢ଼ିବାକୁ ଇଚ୍ଛା ହୁଏ ମୋର।

*–ବିନୋଦ ବିହାରୀ ବେହେରା,*
*ଗୋଶାଳା ରୋଡ୍, ନୂଆବଜାର, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ସୋନପୁରୀ ଶାଢ଼ି



**ପ୍ରାଚୀନ ଓ ଆଧୁନିକ ଡିଜାଇନ୍‌କୁ ବାନ୍ଧକଳାରେ ବାନ୍ଧି ରଖିବାରେ ସକ୍ଷମ ହୋଇଛନ୍ତି ସୁବର୍ଣ୍ଣପୁର ଜିଲାର ବୁଣାକାରମାନେ। ଖାସ୍ ସେଇମାନଙ୍କ ପାଇଁ ଏହି କଳା ପ୍ରସିଦ୍ଧି ଲାଭ କରିଛି ଏବେ ସାରା ବିଶ୍ୱରେ...**

ରାଜା ସୁଧାଂଶୁ ଶେଖର ସିଂଦେଓ

ବାନ୍ଧକଳା ପାଇଁ ସୁବର୍ଣ୍ଣପୁର ପ୍ରସିଦ୍ଧ। କେବଳ ରାଜ୍ୟ ଭିତରେ ନୁହେଁ କି ଦେଶ ଭିତରେ ନୁହେଁ; ବିଦେଶରେ ମଧ୍ୟ ଏହାର ଆଦର ରହିଛି ସମଗ୍ର ବିଶ୍ୱରେ। ଏହାର ସମସ୍ତ ଶ୍ରେୟ ଯାଏ କୁଶଳୀ ବୁଣାକାରମାନଙ୍କୁ। ପ୍ରାଚୀନ ଓ ଆଧୁନିକ ଡିଜାଇନ୍‌କୁ ବାନ୍ଧକଳାରେ ବାନ୍ଧି ରଖିବାରେ ସକ୍ଷମ ହୋଇଛନ୍ତି ସୁବର୍ଣ୍ଣପୁର ଜିଲାର ବୁଣାକାରମାନେ। ଖାସ୍ ସେଇମାନଙ୍କ ପାଇଁ ଏହି କଳାକୁ ପ୍ରସିଦ୍ଧି ଲାଭ ମିଳିଛି ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ହସ୍ତତନ୍ତ ଓ ବୟନ କଳାକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ସୁବର୍ଣ୍ଣପୁର ଜିଲାର ବୁଣାକାର। ଶତାଧିକ ବର୍ଷ ଧରି ବୟନ, ବାନ୍ଧକଳାରେ ସମର୍ପିତ ହୋଇଛି ବୁଣାକାରଙ୍କ ଜୀବନ। ପ୍ରାଚୀନ ଓ ଆଧୁନିକ ଡିଜାଇନ୍‌କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛନ୍ତି ଜିଲାର ବୁଣାକାର। କୃଷି ପରେ ହସ୍ତତନ୍ତ ଓ ବୟନ ଶିଳ୍ପ ଜିଲାର ଦ୍ୱିତୀୟ ବୃହତ୍ ଜୀବିକା ତଥା ରୋଜଗାରର ମାଧ୍ୟମ। ବମକେଇ ପାଟ, ଯୋଡ ଓ ବାନ୍ଧକଳା ପାଇଁ ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ରହିଛି। ସେତିକି ନୁହେଁ ସୋନପୁରୀ ପାଟଶାଢ଼ି, କୁମ୍ଭ ଗାମୁଛା, କାନ୍ଥ ଝୁଲା ଓ ମଠା ଚାଦରର ଆଦର ସବୁଠି ଅଛି। ବର୍ଷ ବର୍ଷ ଧରି ସ୍ଥାନୀୟ କୁଶଳୀ କାରିଗରମାନେ ତନ୍ତବୁଣା ଆୟରୁ ନିଜର ଗୁଜୁରାଣ ମେଣ୍ଟାଇ ଚାଲିଛନ୍ତି।

**ଇତିହାସ:** ବାନ୍ଧଶାଢ଼ିର ସ୍ୱତନ୍ତ୍ର ପରିପାଟୀ ସୁବର୍ଣ୍ଣପୁରକୁ ସାରା ବିଶ୍ୱରେ ପରିଚିତ କରିପାରିଛି। ତେବେ ଏଠାକାର ବୁଣାକାରଙ୍କ ହାତର କରିସ୍ମା ବହୁ ପ୍ରାଚୀନ। ବହୁ ପୂର୍ବରୁ ବୁଣାକାରମାନେ ବଂଶାନୁକ୍ରମିକ ଭାବେ ପାରମ୍ପରିକ ସୂତା ଶାଢ଼ି ବୁଣାବୁଣି କରୁଥିଲେ। ସୋନପୁର ଗଡଜାତର ବୁଣାକାରମାନଙ୍କ ପାଇଁ ୱିଭିଂ ଫ୍ୟାକ୍ଟ୍ରି ସ୍ଥାପନ କରିଥିଲେ। ୧୯୪୪ ମସିହାରେ ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ତନ୍ତ ସ୍ଥାପନ କରାଯାଇଥିଲା ଏବେ ଏଠାରେ ବୟନ ଶିଳ୍ପ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଚାଲୁଅଛି। ତେବେ ପୁରୁଣା ପଦ୍ଧତିରେ ଲୁଗାବୁଣାରୁ ଆୟ କମ୍ ହେଉଥିଲା। ଏହି ଶାଢ଼ି କେବଳ ପଶ୍ଚିମ ଓଡିଶାରେ ହିଁ ବ୍ୟବହୃତ ହେଉଥିଲା। ୧୯୮୬ରେ ବିଶିଷ୍ଟ ବାନ୍ଧଶିଳ୍ପୀ ଚତୁର୍ଭୁଜ ମେହେର ମନମୁଣ୍ଡା ଠାରେ ଶ୍ରୀରାମଚନ୍ଦ୍ର ହ୍ୟାଣ୍ଡଲୁମ୍ ୱିଭିଂ ଫ୍ୟାକ୍ଟ୍ରି ଏବଂ ଆଉଟଡୋର ପ୍ରଡକ୍ସନ ସହିତ ୨୦୦୧ରେ ବୟନ ବିହାରର ଶୁଭାରମ୍ଭ କଲେ। ସେ ନୂତନ ଡିଜାଇନ ଓ କୌଶଳ ପ୍ରୟୋଗ କରି ବାନ୍ଧ ସିଲ୍‌କ ଶାଢ଼ି ପ୍ରସ୍ତୁତ କଲେ। ସୂକ୍ଷ୍ମ କାରୁକାର୍ଯ୍ୟ ଓ ନୂଆ ଡିଜାଇନରେ ଶାଢ଼ି ପ୍ରସ୍ତୁତ ପରେ ଦେଶ ତଥା ବିଦେଶରେ ଚାହିଦା ବଢ଼ିଲା। ମେହେରଙ୍କ ବ୍ୟତୀତ ଅନ୍ୟ ସମ୍ପ୍ରଦାୟର ଲୋକେ ବୁଣା କାର୍ଯ୍ୟ ଶିଖିଲେ। ମୁମ୍ବାଇ, ଦିଲ୍ଲୀ ଓ କୋଲକାତା ଭଳି ବଡବଡ ସହରରେ ବିକ୍ରି ଆରମ୍ଭ ହେଲା। ବୁଣାକାରମାନେ ନୂତନ ଜ୍ଞାନ କୌଶଳ ଶିକ୍ଷାକରି ତଥା ତାହାକୁ ବାନ୍ଧକାମରେ ପ୍ରୟୋଗ କରି ନିଜକୁ ଆର୍ଥିକ ସ୍ୱାବଲମ୍ବୀ କରାଇ ପାରିଲେ। ଦିନକୁଦିନ ବାନ୍ଧକଳାର ବଜାର ବଢ଼ିଲା ଓ ବ୍ୟବସାୟୀମାନେ ବାହାର ରାଜ୍ୟରେ ଶାଢ଼ି ବିକ୍ରି କରି ଲାଭବାନ ହେଲେ।

**ବୁଣାକାରଙ୍କ ଗାଁ:** ଜିଲାର ସୋନପୁର, ପଟାଭାଡି, ସାଗରପାଲି, କେନ୍ଦୁପାଲି, ଜଗନ୍ନାଥପାଲି, ଜାମପାଲି, ନିମ୍ନା, ଦଶରାଜପୁର, ଚଢେଇପଙ୍କ, ବାଘପାଲି, ଖରଜୁରା, ଲଛିପୁର, ମେଣ୍ଢା, ବାଲପୁର, ନକଟାମୁଣ୍ଡା, ଦିଗସିରା, ହରିହରନଗର, ସହଲା, ବିନିକା ଓ ସୁବଳୟା ଆଦି ଗ୍ରାମରେ ସଂଖ୍ୟାଧିକ ବୁଣାକାର ପରିବାର ରହୁଛନ୍ତି। ଭୁଲିଆ, କୃଷ୍ଣା, କୁଲି ଓ ହରିଜନମାନେ ହସ୍ତତନ୍ତରେ ଲୁଗାବୁଣି ଜୀବନ ଜୀବିକା ପୋଷଣ କରିଥାନ୍ତି। ଅନ୍ୟ ସମ୍ପ୍ରଦାୟର ଲୋକେ ମଧ୍ୟ ଏହି କାର୍ଯ୍ୟ କରୁଛନ୍ତି। ସମିତି ମାଧ୍ୟମରେ ବୁଣା କାର୍ଯ୍ୟ ଚାଲିଥିବା ବେଳେ ଏନଏଚଡିସି ସୂତା ଦେଉଛି।

→



ଶୁଭ୍ରାଂଶୀ ପାଣିଗ୍ରାହୀ









ବୟନିକା, ସମ୍ବଲପୁର ବସ୍ତ୍ରାଳୟ ଏହି ଶାଢ଼ି କିଣି ମାର୍କେଟିଂ କରୁଛି।

**ବମ୍‌କେଇ ପାଟ :** ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ସାଗରପାଲି ଓ ବୀରମହାରାଜପୁର ବ୍ଲକର କେନ୍ଦୁପାଲି ଗାଁ ବମକେଇ ପାଟ ଶାଢ଼ି ପାଇଁ ରାଜ୍ୟ, ଦେଶ ତଥା ଦେଶବାହାରେ ପ୍ରସିଦ୍ଧ। ସୋନପୁର-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲି ଛକ ଠାରୁ ମାତ୍ର ୧ କିଲୋମିଟର ଦୂର ଗଲେ ପଡେ ସାଗରପାଲି ଗାଁ । ଏହି ଗାଁରେ ୮୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ରୁହନ୍ତି। ସମସ୍ତେ ବମକେଇ ପାଟଶାଢ଼ି ପ୍ରସ୍ତୁତିରେ ନିୟୋଜିତ। ବର୍ତ୍ତମାନ ଗାଁରେ ୫୦୦ରୁ ଊର୍ଦ୍ଧ୍ୱ ତନ୍ତ କାର୍ଯ୍ୟକ୍ଷମ ରହିଛି। ଗୋଟିଏ ତନ୍ତରୁ ମାସିକ ୨୦ ହଜାର ଟଙ୍କାର ଶାଢ଼ି ଉତ୍ପାଦିତ ହୁଏ। ଏହି ଭଳି ଭାବେ ଏହି ଗାଁରେ ମାସିକ ମୋଟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପାଟଶାଢ଼ି ବ୍ୟବସାୟ ହୁଏ। ଗାଁରେ ୧୨ଟି ତନ୍ତୁବାୟ ସହଯୋଗ ସମିତି ରହିଛି। ସେହିପରି ସୋନପୁର ଠାରୁ ୨୨ କିଲୋମିଟର ଦୂର କେନ୍ଦୁପାଲି ଗାଁ। ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ଅଛନ୍ତି। ୫ଟି ତନ୍ତୁବାୟ ସହଯୋଗ ସମିତି ଅଛି। ସମସ୍ତ ଗ୍ରାମବାସୀ ପାଟଶାଢ଼ି ପ୍ରସ୍ତୁତିରେ ନିୟୋଜିତ। ଗାଁରେ ୩୦୦ ତନ୍ତ କାର୍ଯ୍ୟକ୍ଷମ ଅଛି। ଏଠାକାର ବୁଣାକାରମାନେ ମାସିକ ୬୦ଲକ୍ଷ ଟଙ୍କାର ଶାଢ଼ି ଉତ୍ପାଦନ କରୁଛନ୍ତି। ବର୍ତ୍ତମାନ ସରକାରୀସ୍ତରରେ ନିଯୁକ୍ତିର ସୁଯୋଗ ନ ଥିବା ବେଳେ ଶାଢ଼ି ଗ୍ରାମବାସୀଙ୍କୁ ଦେଇଛି ପରିଚୟ ଓ ଆତ୍ମନିଯୁକ୍ତି। ଜଣେ ବୁଣାକାର ଶାଢ଼ି ବୁଣି ମାସିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବେଳେ ମହାଜନ ଓ ବ୍ୟବସାୟୀମାନେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।

**ବାନ୍ଧକଳାରେ ଓଡ଼ିଶାର ପ୍ରାଚୀନ ପରମ୍ପରା :** ସୁବର୍ଣ୍ଣପୁରର ବୁଣାକାରଙ୍କ ଦ୍ୱାରା କଳାକୃତିର ରୂପ, ଗୁଣ, ନାରୀ ଚରିତ୍ର, କଳାଭାସ୍କର୍ଯ୍ୟ, ଓଡିଶା ମନ୍ଦିର କଳା, ବିରଳ ଅରଣ୍ୟ ଶୋଭା, ହସ୍ତତନ୍ତ ବସ୍ତ୍ର, ପୁରାତନ ଆଦିବାସୀ ସଂସ୍କୃତି, ସ୍ଥାନୀୟ ପାରମ୍ପରିକ ଲୋକନୃତ୍ୟ, ସଙ୍ଗୀତ ଓ ନାଟକକୁ ନେଇ ସେମାନଙ୍କର ଶ୍ରେଷ୍ଠ ବାନ୍ଧକୃତି ପରିସ୍ଫୁଟନ କରିଛନ୍ତି। ପଦ୍ମଶ୍ରୀ ଚତୁର୍ଭୁଜ ମେହେର ଓଡିଶାର ଅନୁପମ ମନ୍ଦିର ନିର୍ମାଣକଳା ଓ ମନୋରମ ଭାସ୍କର୍ଯ୍ୟକୁ ସୂକ୍ଷ୍ମ ବାନ୍ଧକଳାରେ ପରିପ୍ରକାଶ କରିବା ପାଇଁ କୋଣାର୍କ ମନ୍ଦିର ଚିତ୍ର ସମ୍ବଳିତ ଏକ ବୃହତ ୱାଲ୍ ହ୍ୟାଙ୍ଗିଙ୍ଗ୍ ତଥା କୋଣାର୍କ ମନ୍ଦିର ଗାତ୍ରରେ ଖୋଦିତ ନଟ ନଟୀ, ଜୀବଜନ୍ତୁ ଓ ଲତାପୁଷ୍ପ ଆଧାରିତ ଏକ ଅଭିନବ ଶାଢ଼ି ପ୍ରସ୍ତୁତ କରିଛନ୍ତି। ଲୁପ୍ତପ୍ରାୟ ଓଡିଶାର ପାରମ୍ପରିକ ବୟନ କଳା ତଥା ବୟନ ଶୈଳୀକୁ ପାଥେୟ କରି ଏକ ପାରମ୍ପରିକ ଦଶ ଫୁଲିଆ ଶାଢ଼ି ପ୍ରସ୍ତୁତ କରିଛନ୍ତି। ପୁଣି ବୟନ ଶିଳ୍ପର ଜଟିଳତମ ଡବଲ୍ ଇକତ୍ ପଦ୍ଧତିରେ ଏକ ଆଧୁନିକ ପରିପାଟୀରେ ଶାଢ଼ି ମଧ୍ୟ ପ୍ରସ୍ତୁତ କରିଛନ୍ତି। ଉଭୟ ତାନି ଓ ବୁଣା ସୂତାରେ ବାନ୍ଧ ପ୍ରସ୍ତୁତ କରାଯାଇ ଉଭୟ ସୂତାକୁ ଠିକ୍ ଭାବରେ ସଂଯୋଗ କରାଯାଇ ଶାଢ଼ିଟି ବୁଣାଯାଇଛି। ସେହିପରି ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରଚଳିତ ଦେବଦାସୀ ପରମ୍ପରା ଆଧାରିତ ଏକ ଶାଢ଼ି, ଓଡିଶାର ଅରଣ୍ୟ ଓ ଜୀବଜନ୍ତୁଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରିବାକୁ ଯାଇ ଅଭୟାରଣ୍ୟ ଶାଢ଼ି ପ୍ରସ୍ତୁତ କରିଛନ୍ତି। ହରିଣ, ସିଂହ, ବାନର, ମୟୂର, ବତକ ଆଦି ପଶୁପକ୍ଷୀ ଚିତ୍ର ଥିବା ଶାଢ଼ି ବୁଣିଛନ୍ତି।

**ବିଭିନ୍ନ ପ୍ରକାରର ଶାଢ଼ି :** ଫାଇନ ବମକେଇ ସିଲ୍‌କ ଶାଢ଼ି, ପାରମ୍ପରିକ ଟାଇ ଏଣ୍ଡ ଡାଇ ଶାଢ଼ି, ସିଲ୍‌କ ଟାଇ ଏଣ୍ଡ ଡ୍ରେସ୍ ମ୍ୟାଟେରିଆଲ ପ୍ରସ୍ତୁତ ହେଉଛି। ପାରମ୍ପରିକ ସିଲ୍‌କ ଶାଢ଼ି-ଏକ ଫୁଲିଆରୁ ଦଶ ଫୁଲିଆ ସିଲ୍‌କ ବାନ୍ଧ ଶାଢ଼ି, ଦୁଷ୍ମନ୍ତ ଶକୁନ୍ତଳା ସିଲ୍‌କ ବାନ୍ଧ ଶାଢ଼ି, ବୋଇତ ବନ୍ଦାଣ ସିଲ୍‌କ ବାନ୍ଧ ଶାଢ଼ି, ଦେବଦାସୀ ସିଲ୍‌କ ବାନ୍ଧ ଶାଢ଼ି, ଚକ୍ର ବାନ୍ଧ ସିଲ୍‌କ ଶାଢ଼ି, ବୃକ୍ଷ ବାନ୍ଧ ସିଲ୍‌କ ଶାଢ଼ି, ପଦ୍ମ ଓ ବାନ୍ଧ ସିଲ୍‌କ ଶାଢ଼ି, ଡବି ଜାଲା ଓ ବାନ୍ଧ ସମ୍ମିଶ୍ରଣରେ ସିଲ୍‌କ ବାନ୍ଧ ଶାଢ଼ି ଓ କାନ୍ତ ଝୁଲା ବୁଣାକାରମାନେ ପ୍ରସ୍ତୁତ କରି ସେମାନଙ୍କ କଳାକାରିଗରିର ପରିଚୟ ପ୍ରଦାନ କରିଛନ୍ତି।

**ଗୁଜରାଟୀ କଟନ୍ - ବାଙ୍ଗାଲୋରି ପାଟସୂତା :** ସିଲ୍‌କ ଶାଢ଼ି ପାଇଁ ପାଟ ସୂତା ଓ ରଙ୍ଗ ବେଙ୍ଗାଲୁରୁରୁ ଆସୁଛି। ସେହିପରି ସୂତାଶାଢ଼ି ବୁଣିବା ପାଇଁ ସୂତା ଗୁଜରାଟ ଓ ମୁମ୍ବାଇରୁ ଆସୁଛି। ତାଲିମପ୍ରାପ୍ତ ବୁଣାକାରମାନେ ପାଟଶାଢ଼ି ବୁଣୁଥିବା ବେଳେ କମ୍ ଅଭିଜ୍ଞତା ଥିବା ବୁଣାକାର ସୂତାଶାଢ଼ି ବୁଣନ୍ତି। ବ୍ୟବସାୟୀମାନେ ସିଧାସଳଖ ସୂତା କିଣିଥାନ୍ତି। ସରକାର ବୟନିକା ମାଧ୍ୟମରେ ବୁଣାକାରଙ୍କୁ ସୂତା ଯୋଗାଇ ଦେଇଥାନ୍ତି। ଅନ୍ୟପକ୍ଷେ କେମିକାଲ ରଙ୍ଗର ଦାମ ଶସ୍ତା ହୋଇଥିବା ବେଳେ ଗଛର ଚେର ଓ ଡାଳପତ୍ରରୁ ପ୍ରସ୍ତୁତ ନ୍ୟାଚୁରାଲ ରଙ୍ଗର ଦାମ୍ ବହୁ ଅଧିକ ରହିଛି।

**ବଦଳିଛି ବୟନ କଳାର ତରିକା :** ସମୟ ବଦଳିବା ସହିତ ଲୋକମାନଙ୍କର ମାନସିକତା ବଦଳିଛି। ସେଥିପାଇଁ ବାନ୍ଧଶିଳ୍ପୀମାନେ ମଧ୍ୟ ନିଜକୁ ବଦଳେଇଛନ୍ତି। ଆଗରୁ ସେମାନେ ପାରମ୍ପରିକ ଉପାୟ ଆପଣାଉଥିବା ବେଳେ ସମ୍ପ୍ରତି ସେମାନେ ସେମାନଙ୍କର ବୟନ କଳାର ତରିକାକୁ ବଦଳେଇ ଯୁଗୋପଯୋଗୀ ହୋଇପାରିଛନ୍ତି। ଦୀର୍ଘ ୭୬ ବର୍ଷ ଧରି ବୟନ ଶିଳ୍ପ ସହିତ ଜଡ଼ିତ ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର କହନ୍ତି: ବାନ୍ଧ-ରଙ୍ଗ, ଡିଜାଇନ୍ ବୁଣାବୁଣି, ଟେକ୍‌ନିକ୍‌ରେ ଏବେ ବହୁତ ପରିବର୍ତ୍ତନ ଆସିଛି। ରକ୍ଷଣଶୀଳ ତଥା ପାରମ୍ପରିକ ପଦ୍ଧତି ଛାଡି ବାନ୍ଧ-ରଙ୍ଗର ବୟନକଳା ଆଜି ଅନେକ ଦୂର ଅଗ୍ରସର ହୋଇଛି। ଜାଲା, ଡୁବି, ଜାକାର୍ଡ ଆଦି ସମସ୍ତ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇ ପାରିଛି। ଟେକ୍‌ନିକ୍‌ରେ ପରିବର୍ତ୍ତନ ଆଣିବା ଦ୍ୱାରା ଦିନକର କାମ ମାତ୍ର ତିନିଘଣ୍ଟାରେ କରାଯାଇପାରୁଛି। ଉଦାହରଣ ସ୍ୱରୂପ ଲୁଗା ଉପରେ ଫୁଲ, ଲତାପତ୍ର, ପଶୁପକ୍ଷୀର →

# ବୁଣାକାର ସମ୍ପ୍ରଦାୟର ବଡିଖୁଣ୍ଟ




ଚତୁର୍ଭୁଜ ମେହେର

**ସୋ**ନପୁର ପାଟଶାଢ଼ି କଥା ଉଠିଲେ ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ କଥା ସ୍ୱତଃ ମନକୁ ଚାଲି ଆସିଥାଏ। ଏକ ସାଧାରଣ ତନ୍ତବାୟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଚତୁର୍ଭୁଜ। ମାତ୍ର ୯ ବର୍ଷ ବୟସରେ ମା'ବାପାଙ୍କୁ ହରେଇଥିବା ଚତୁର୍ଭୁଜ ୧୨ ବର୍ଷ ବୟସରେ ସୋନପୁର ୱିଭିଂ ଫ୍ୟାକ୍ଟ୍ରିରେ ଜଣେ ବୁଣାକାର ଭାବରେ କାମ କରିଥିଲେ। ଆଉ ଖୁବ୍ କମ୍‌ଦିନ ମଧ୍ୟରେ ସେ ମେହେର ବୁଟା, ବାନ୍ଧ, ଆଞ୍ଚ ଓ କୁମ୍ଭ ଆଦି ଅନେକ କଳା କୌଶଳ ଆୟତ୍ତ କରି ସୁନ୍ଦର ଶାଢ଼ି ବୁଣିବାର ଦକ୍ଷତା ହାସଲ କରିପାରିଥିଲେ। ଫଳରେ ତାଙ୍କର ସ୍ୱଳ୍ପ ଶିକ୍ଷାଗତ ଯୋଗ୍ୟତା ଥିବା ସତ୍ତ୍ୱେ ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟରେ ମେହେରଙ୍କୁ ୧୯୫୯ ମସିହାରେ ମାଷ୍ଟର ୱିଭର ଭାବରେ ନିଯୁକ୍ତି ମିଳିଲା। ଏହା ପରେ ସେ ଅନ୍ୟ ବୁଣାକାରମାନଙ୍କ ପାଇଁ ଏକ ବଡିଘର ପାଲଟି ଯାଇଥିଲେ। ୧୯୮୪ରେ ଚାକିରିରୁ ସେଚ୍ଛାକୃତ ଅବସର ନେଇ ସୁବର୍ଣ୍ଣପୁର ଜିଲାର ବୁଣାକାରଙ୍କ ଉନ୍ନତି ପାଇଁ ସ୍ୱପ୍ନ ଦେଖିଥିଲେ। ନିଜେ ଏକ ବୟନ ଶିଳ୍ପାନୁଷ୍ଠାନ ସ୍ଥାପନ କରି ଶତାଧିକ ବୁଣାକାରଙ୍କୁ ତାଲିମ ଦେଲେ। ତାଙ୍କ ପାଇଁ ହଜାର ହଜାର ବୁଣାକାର ଆଜି ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି।









ନକ୍ସା ଯାହା ପ୍ରୟୋଗ କରା ହେଉଥିଲା ତାହା ସୂତାଖିଅକୁ ତଳ ଉପର କରି ଉକ୍ତ ନକ୍ସା ଲୁଗା ଉପରକୁ ଅଣା ହେଉଥିଲା। ଏବେ ତାକୁ ଆଧୁନିକ ପଦ୍ଧତିରେ ଜାଲା ସାହାଯ୍ୟରେ ଦଉଡି ଦ୍ୱାରା ଛନ୍ଦ ସୃଷ୍ଟି କରି ସେହି ନକ୍ସାଗୁଡିକ ଅଳ୍ପ ସମୟରେ ବୁଣାଯାଇ ପାରୁଛି। ବାନ୍ଧବସ୍ତ୍ରରେ ବନାରସୀ, ବମକେଇ ଆଦି ବୟନ କଳାର ପୁଟ ଦେଇ ବସ୍ତ୍ରଟିଏ ତିଆରି କଲେ ତାହାର ଆକର୍ଷଣ ଅନେକ ଗୁଣ ବଢିଯାଉଛି।

**୫୦ହଜାରରୁ ଊର୍ଦ୍ଧ୍ୱ ନିୟୋଜିତ :** ତଥ୍ୟ ଅନୁଯାୟୀ, ସର୍ବାଧିକ ଲୋକ ଏହି କାର୍ଯ୍ୟରେ ନିୟୋଜିତ ହୋଇ ଜୀବିକା ନିର୍ବାହ କରୁଛନ୍ତି। ପରିବାରର ସଦସ୍ୟ ସଂଖ୍ୟା ହିସାବକୁ ନେଲେ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଭାବେ ହସ୍ତତନ୍ତ କାର୍ଯ୍ୟରେ ନିୟୋଜିତ। ସେମାନଙ୍କୁ ସହଯୋଗ କରିବାକୁ ବୁଣାକାରଙ୍କ କାର୍ଯ୍ୟକାରୀ ସଂଘ ଓ ତନ୍ତୁବାୟ ସହଯୋଗ ସମିତି ମଧ୍ୟ ରହିଛି। ଶାଢ଼ିର ଚାହିଦା ମଧ୍ୟ ରହିଛି। ତେବେ ଏଥିପାଇଁ ଉପଯୁକ୍ତ ପ୍ରଚାର ପ୍ରସାର ହୋଇପାରୁନି ବୋଲି ବୁଣାକାରମାନେ ଅଭିଯୋଗ କରନ୍ତି। ସେମାନଙ୍କ ମତରେ, ସରକାର ଏହି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ଆଦୌ ଦୃଷ୍ଟି ଦେଉନାହାନ୍ତି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ସୂତା କିଣା ଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ବୁଣାକାରମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଜିଲାର ସମବାୟ ସମିତି ଓ ସମିତି ବାହାରେ ବୁଣାକାରମାନେ ବାର୍ଷିକ ୧୦୫କୋଟି ଟଙ୍କାର ଶାଢି ଉତ୍ପାଦନ କରୁଛନ୍ତି। ମାତ୍ର ମାର୍କେଟିଂ ଷ୍ଟ୍ରାଟେଜି ଦୁର୍ବଳ। ଲୋକଙ୍କ ପସନ୍ଦ ଓ ନାପସନ୍ଦକୁ ଦୃଷ୍ଟିରେ ରଖି ଉନ୍ନତମାନର ଶାଢି ତଥା ଡ୍ରେସ ମ୍ୟାଟେରିଆଲ ପ୍ରସ୍ତୁତ କରାଯାଇ ପାରୁନାହିଁ। ଯଦିଓ ଅନ୍ତର୍ଜାତୀୟ ବଜାରକୁ ଦୃଷ୍ଟିରେ ରଖି କିଛିଟା ଡିଜାଇନ ପ୍ରସ୍ତୁତ ହେଉଛି ତାହା ସ୍ଥାନୀୟ ବଜାରକୁ ସୁହାଉ ନାହିଁ। କୋଏମ୍ବାଟୁରର ସୂତାଶାଢି ସୋନପୁର ଶାଢି ତୁଳନାରେ ହାଲୁକା। ପୁଣି ଏହା ମାତ୍ର ୫ଶହ ଟଙ୍କାରେ ବିକ୍ରି ହେଉଛି। ମାତ୍ର ସ୍ଥାନୀୟ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଶାଢି ଓଜନିଆ ଓ ସର୍ବନିମ୍ନ ଦର ୩ ହଜାର ଟଙ୍କା ରହୁଛି। ଫଳରେ ମହିଳାମାନେ ବ୍ୟବହାର ରାଜ୍ୟର ଶାଢ଼ିକୁ କମ୍ ମୂଲ୍ୟରେ କିଣି ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏପଟେ ସରକାରଙ୍କ ତନ୍ତଶାଳା ନିର୍ମାଣ ପାଇଁ ସହାୟତା, ସରକାରୀ ଋଣ ବ୍ୟବସ୍ଥା, ମହାତ୍ମା ଗାନ୍ଧୀ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଓ ରାଜ୍ୟ ସରକାରଙ୍କ ବରିଷ୍ଠ ବୁଣାକାରଙ୍କୁ ଭତ୍ତା ଆଦି ସବୁ ଯୋଜନା ବୁଣାକାରଙ୍କୁ ଅପହଞ୍ଚ ହୋଇପଡୁଛି। ସୌର ଲଣ୍ଠନ କେବଳ ବିପିଏଲ ବୁଣାକାରଙ୍କୁ ପ୍ରଦାନ କରାଯାଉଛି।



**ସଙ୍କଟରେ ବୁଣାକାରଙ୍କ ଜୀବିକା :** ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିକୁ ନେଲେ ଏହି ଶିଳ୍ପ ବିଭିନ୍ନ କାରଣରୁ ବର୍ତ୍ତମାନ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି। ମେସିନ ଦ୍ୱାରା ଅବିକଳ ନକଲରେ ପ୍ରସ୍ତୁତ ଛାପାଶାଢି କମ୍ ଦରରେ ବିକ୍ରି ହେଉଛି। ପୁଣି ଏବେ ଜିଏସ୍‌ଟି ମାଡ ଯୋଗୁ ଶାଢି ବ୍ୟବସାୟକୁ ପ୍ରାୟ ପ୍ରଭାବିତ କରିଛି ବୋଲି ଅଭିଯୋଗ ହେଉଛି। ବୁଣାକାରମାନଙ୍କ କହିବା ଅନୁଯାୟୀ, ବଜାରର ମାନ୍ଦାବସ୍ଥା ଯୋଗୁ ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ପରିଶ୍ରମ ତୁଳନାରେ ସେମାନଙ୍କୁ ମଜୁରି ମିଳୁନି। ଫଳରେ ଆଗ୍ରହ ଥାଇ ମଧ୍ୟ ଯୁବବର୍ଗ ନିଜର କୌଳିକ ବୃତ୍ତି ଠାରୁ ଦୂରେଇ ଯାଉଛନ୍ତି। ସୂତା, ବାନ୍ଧ, ରଙ୍ଗ ଓ ତନ୍ତକୁ ନେଇ ଜୀବନ ଜିଉଥିବା ବୁଣାକାରଙ୍କ ଜୀବିକା ନେଇ ଏବେ ଏକପ୍ରକାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବୁଣାକାର ପରିବାରଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହିତ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଉଛନ୍ତି ସତ; ମାତ୍ର ଅଧିକାଂଶ ବୁଣାକାର ଏହାର ଫାଇଦା ଉଠାଇ ପାରୁନାହାନ୍ତି। ପ୍ରକୃତ ବୁଣାକାରଙ୍କୁ ସଂଘର୍ଷ କରିବାକୁ ପଡୁଛି। ବିଭିନ୍ନ ଯୋଜନାରୁ ମହାଜନମାନେ ହିଁ ଲାଭବାନ ହେଉଥିବା ସେମାନଙ୍କର ମତ।

**କମୁଛି ବୁଣାକାରଙ୍କ ସଂଖ୍ୟା :** ସୋନପୁରୀ ପାଟ ବା ସୁବର୍ଣ୍ଣପୁରର ବାନ୍ଧକାମ ଏକ ସାଧାରଣ କାର୍ଯ୍ୟ ନୁହେଁ। ଏହା ଆମର ରାଜ୍ୟର ବର୍ଣ୍ଣାଢ୍ୟ କଳାକାରିଗରିର ଅନୁପମ ପରିଚୟ। ତେବେ ଦିନକୁଦିନ ବୁଣାକାରଙ୍କ ସଂଖ୍ୟା ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। ତାହାର କାରଣ ପାରମ୍ପରିକ କୁଟୀର ଶିଳ୍ପ ପ୍ରତି ଅନାଗ୍ରହତା। ସାଧାରଣତଃ, ତନ୍ତବୁଣା କାମରେ ଏକାଗ୍ରତା ଲୋଡା। ତନ୍ତରେ ବସି କାମ କରିବାକୁ ହେଲେ ଗୋଟିଏ ଲକ୍ଷ୍ୟରେ କାମ କରିବାକୁ ପଡେ। ଗ୍ରାହକଙ୍କ ରୁଚିକୁ ଦେଖି ସବୁବେଳେ ସ୍ୱତନ୍ତ୍ର ଓ ନୂଆ କାମ କରିବାକୁ ହୋଇଥାଏ। ତେବେ ବର୍ତ୍ତମାନର ଯୁବପିଢ଼ିଙ୍କ ନିକଟରେ ଆଉ ସେହିଭଳି ଆଗ୍ରହ ନାହିଁ। ଯୁବପିଢି ତନ୍ତରେ ବସି ଲୁଗାବୁଣା କାମ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପରିସ୍ଥିତି ଏମିତି ହୋଇଛି ଯେ, ଲୋକସଂଖ୍ୟା ସିନା ବଢୁଛି; ସେହି ତୁଳନାରେ ବୁଣାକାରଙ୍କ ସଂଖ୍ୟା କମିକମି ଆସୁଛି। ସୋନପୁରର ବର୍ଷୀୟାନ ବାନ୍ଧଶିଳ୍ପୀ ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ କହିବା ଅନୁଯାୟୀ ହସ୍ତତନ୍ତର ବିକାଶ ପାଇଁ ଯୁବ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଜରୁରୀ। ପାରମ୍ପରିକ ପଦ୍ଧତିରେ ଏବେ ଖଣ୍ଡେ ଶାଢି ବୁଣିବାକୁ ବୁଣାକାରଙ୍କୁ ୭ରୁ ୮ ଦିନ ଲାଗୁଛି। ମାତ୍ର ଡ୍ରମ ସିଷ୍ଟମରେ କମ୍ ସମୟରେ ଅଧିକ ଶାଢି ବୁଣା ଯାଇ ପାରିବ। ସରକାର ସେ ପ୍ରକାର ବ୍ୟବସ୍ଥା ଯୋଗାଇ ଦେବା ଆବଶ୍ୟକ। ଏଥିପାଇଁ ବୁଣାକାରଙ୍କୁ ନୂତନ ଜ୍ଞାନ କୌଶଳରେ ପ୍ରଶିକ୍ଷଣ ଦରକାର। ବିଶେଷକରି, ଯୁବକମାନଙ୍କୁ ବୟନ ଶିଳ୍ପ ପ୍ରତି ଆକୃଷ୍ଟ କରିବାକୁ ହେବ ବୋଲି ତାଙ୍କର ଦୃଢ଼ ମତ।

**ବିଦେଶରେ ପ୍ରଦର୍ଶନୀ ହେଉ :** ବାଘପାଲି ଗ୍ରାମର ବୁଣାକାର ଯଦୁମଣି ମେହେର କହନ୍ତି, ସୂତା ସମେତ ରଙ୍ଗ ଦର ବୃଦ୍ଧି ପାଉଛି। ଫଳରେ ପାଟ ଓ ସୂତା ଶାଢିର ଦର ଅଧିକ ରହୁଛି। ମାତ୍ର ନକଲି ଶାଢି ଦୋକାନରେ ଶସ୍ତାରେ ବିକ୍ରି ହେଉଛି। ଜାତୀୟ ସ୍ତରର ଆଉ ଜଣେ ବାନ୍ଧଶିଳ୍ପୀ ପ୍ରହ୍ଲାଦ ମେହେର କୁହନ୍ତି ବିଶ୍ୱରେ ବାନ୍ଧଶିଳ୍ପକୁ ପରିଚିତ କରାଇବା ପାଇଁ ସରକାର ଉଦ୍ୟମ କରିବା ଦରକାର। ଏଥିପାଇଁ ବିଦେଶରେ ପ୍ରଦର୍ଶନୀ କରାଯିବାର ଆବଶ୍ୟକତା ରହିଛି।

-ମୃତ୍ୟୁଞ୍ଜୟ ଶତପଥୀ

## ଦିବ୍ୟାଙ୍ଗ ବୟନ ଶିଳ୍ପୀ ହାଡୁ

୪୫ବର୍ଷୀୟ ହାଡୁ ମେହେର ଜଣେ ଦିବ୍ୟାଙ୍ଗ। ଜନ୍ମରୁ ତାଙ୍କର ଗୋଡ ପୋଲିଓ ଆକ୍ରାନ୍ତ। ୭୫ ପ୍ରତିଶତ ଦିବ୍ୟାଙ୍ଗ ବୋଲି ସେ ପ୍ରମାଣପତ୍ର ମଧ୍ୟ ପାଇଛନ୍ତି। ଜମିବାଡି କିଛି ନାହିଁ। ଦୀର୍ଘ ୧୫ ବର୍ଷ ହେଲା ସେ ବୟନ ଓ ବାନ୍ଧକଳା ପ୍ରତି ସମ୍ପୂର୍ଣ୍ଣ ସମର୍ପିତ। ମା, ବାପା ଓ ବରିଷ୍ଠ ବୁଣାକାରଙ୍କ ଠାରୁ ହାଡୁ ଏହି କଳା ଶିଖି କୌଳିକ ବୃତ୍ତିକୁ ଆପଣାଇ ନେଇଛନ୍ତି। ମା', ବାପା, ସ୍ତ୍ରୀ, ୩ ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କର ସଂସାର। ବମକେଇ ପାଟ ବୁଣି ସେ ପରିବାର ପ୍ରତିପୋଷଣ କରୁଛନ୍ତି। ୬ ମିଟର ୨୦ସେଣ୍ଟିମିଟରର ଗୋଟିଏ ଶାଢି ବୁଣିବା ପାଇଁ ମହାଜନ ତାଙ୍କୁ ଦେଢ ହଜାର ଟଙ୍କା ଦିଅନ୍ତି। ଗୋଟିଏ ଶାଢି ବୁଣିବା ପାଇଁ ତାଙ୍କୁ ପ୍ରାୟ ୬ ଦିନ ଲାଗେ। ସ୍ତ୍ରୀ ଓ ଝିଅ ତାଙ୍କୁ ଏହି କାମରେ ସହଯୋଗ କରନ୍ତି। ମାସିକ ସେ ଅତି ବେଶିରେ ୫ଟି ପାଟ ଶାଢି ବୁଣିପାରନ୍ତି। ସରକାର ଓ ସରକାରୀ ଯୋଜନାକୁ ନେଇ ହାଡୁଙ୍କ ଭିତରେ ଅନେକ କ୍ଷୋଭ। ସେ କହନ୍ତି, ସରକାରୀ ଅଧିକାରୀମାନେ ପ୍ରକୃତ ବୁଣାକାରଙ୍କୁ ଚିହ୍ନନ୍ତି ନାହିଁ।



୨୦୦୭ରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ସୋନପୁରୀ ପାଟ ପିନ୍ଧି ଅଭିଷେକ ବଚ୍ଚନଙ୍କୁ ବିବାହ କରିଥିଲେ। ସେ ଯେଉଁ ପାଟ ପିନ୍ଧିଥିଲେ ତାହା ଥିଲା ସିଲ୍କ ପାଟ ଡବଲ ଇକତ ଓ ରାଧାକୁଞ୍ଜ ସିଲ୍କ ଟାଏ ଓ ଡାଏ ଶାଢ଼ି। ଏହି ପାଟଶାଢ଼ିକୁ ପ୍ରସ୍ତୁତ କରିଥିଲେ ପଦ୍ମଶ୍ରୀ ଚତୁର୍ଭୁଜ ମେହେର। ଏହି ଶାଢି ବୁଣିବାକୁ ୪ ବୁଣାକାରଙ୍କୁ ଲାଗିଥିଲା ୬ମାସ ସମୟ।


## କୁମାରୀଙ୍କ କୌଳିକ ବୃତ୍ତି


ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ସାଗରପାଲି (ହନୁମାନପଡା)ର କୁମାରୀ ମେହେରଙ୍କୁ ୩୫ବର୍ଷ। ତାଙ୍କର ଦୁଇଟି ଯାକ ଗୋଡ ପୋଲିଓ ଆକ୍ରାନ୍ତ। କୌଳିକ ବୃତ୍ତି ଭାବରେ ସେ ବାଛି ନେଇଛନ୍ତି ବାନ୍ଧକଳାକୁ। ଆଉ ତାହା ବି ତାଙ୍କୁ ନିରାଶ କରିନାହିଁ। ମା' ବାପା ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ। କୁମାରୀ ଗାମୁଛା ଓ ସୂତା ଶାଢି ବୁଣି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ବୟନଶିଳ୍ପ ହିଁ ତାଙ୍କୁ ଆତ୍ମନିର୍ଭରଶୀଳ କରିଛି।




# କ୍ଲାସିକ୍ ନଭେଲିଷ୍ଟ






ଥମାସ୍ ହାର୍ଡ଼ି ଏକାଧାରରେ ଥିଲେ ଜଣେ ଗାଳ୍ପିକ, ଔପନ୍ୟାସିକ ଓ କବି। ସେ ୱିଲିଅମ୍ ୱାର୍ଡ଼ସୱର୍ଥଙ୍କ ଦ୍ୱାରା ବିଶେଷ ଭାବରେ ଅନୁପ୍ରେରିତ ହୋଇଥିଲେ। ସେଥିଲାଗି ତାଙ୍କର ଗଳ୍ପ, କବିତା ଏବଂ ଉପନ୍ୟାସରେ ରୋମାଣ୍ଟିକ୍ ଭାବଧାରା ପରିଲକ୍ଷିତ ହୋଇଥାଏ। ହାର୍ଡ଼ି ଚାର୍ଲସ ଡିକେନ୍ସଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ।

ଥମାସ୍ ହାର୍ଡ଼ିଙ୍କୁ ବିଶ୍ୱର ଜଣେ କ୍ଲାସିକ୍ ନଭେଲିଷ୍ଟ ବୋଲି କୁହାଯାଏ। ସେ ଏକାଧାରରେ ଥିଲେ ଜଣେ ଗାଳ୍ପିକ, ଔପନ୍ୟାସିକ ଓ କବି। ସେ ୱିଲିଅମ୍ ୱାର୍ଡ଼ସୱର୍ଥଙ୍କ ଦ୍ୱାରା ବିଶେଷ ଭାବରେ ଅନୁପ୍ରେରିତ ହୋଇଥିଲେ। ସେଥିଲାଗି ତାଙ୍କର ଗଳ୍ପ, କବିତା ଏବଂ ଉପନ୍ୟାସରେ ରୋମାଣ୍ଟିକ୍ ଭାବଧାରା ପରିଲକ୍ଷିତ ହୋଇଥାଏ। ହାର୍ଡ଼ି ଚାର୍ଲସ ଡିକେନ୍ସଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ଡିକେନ୍ସ ଜଣେ ମୁକ୍ତଛନ୍ଦ ଓ ମୁକ୍ତ ମାନସିକତାର ଲେଖକ ଥିଲେ। ସେ ସମାଜର ପରମ୍ପରା ସବୁକୁ ଆଦୌ ସମର୍ଥନ କରୁ ନଥିଲେ। ହାର୍ଡ଼ିଙ୍କ ରଚନାରେ ମଧ୍ୟ ସମାନୁପାତିକ ଚିନ୍ତାଧାରା ଦେଖିବାକୁ ମିଳିଥାଏ।

**ୱେସେକ୍ସର ଜନକ :** ୧୮୯୮ ମସିହା ପର୍ଯ୍ୟନ୍ତ ହାଡ଼ିଙ୍କର କୌଣସି ପୁସ୍ତକ ପ୍ରକାଶିତ ହୋଇ ନ ଥିଲା। ଏହାର ପରବର୍ତ୍ତୀ କାଳରେ ପ୍ରକାଶିତ ହୋଇଥିବା ପୁସ୍ତକ ଗୁଡ଼ିକ ହେଉଛି– ଫାର ଫ୍ରମ୍ ଦି ମ୍ୟାଡିଂ କ୍ରାଉଡ୍, ଦି ମେୟର ଅଫ୍ ଦି କାଷ୍ଟରବ୍ରିଜ୍, ଟେସ୍ ଅଫ୍ ଦି ଡି'ଅରବରଭିଲ୍ସ ଏବଂ ଜ୍ୟୁଡ ଦି ଅବସ୍କ୍ୟୁର । ହାର୍ଡ଼ିଙ୍କ ରଚନା ସବୁ ପ୍ରଥମେ ଧାରାବାହିକ ଭାବରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା। ପରେ ସେସବୁକୁ ସେ ସଂକଳିତ କରିଥିଲେ। ହାର୍ଡ଼ି ତାଙ୍କର ରଚନାରେ 'ୱେସେକ୍ସ' ନାମରେ ଏକ କାଳ୍ପନିକ ଗ୍ରାମର ବର୍ଣ୍ଣନା କରିଛନ୍ତି। ତାଙ୍କର କାହାଣୀ ସବୁ ୱେସେକ୍ସରୁ ଆରମ୍ଭ ହୋଇ ୱେସେକ୍ସଠାରେ ହିଁ ଶେଷ ହୋଇଥାଏ। ତାଙ୍କ ରଚନାରେ ୱେସେକ୍ସ ଏକ ଅତି ଉତ୍ତମ ସ୍ଥାନ। କ୍ରିଟିକ୍‌ମାନେ ତାଙ୍କୁ ୱେସେକ୍ସର ଜନକ ବୋଲି କହିଥାନ୍ତି।

**ପାରିବାରିକ ଜୀବନ :** ବ୍ରିଟେନ୍‌ର ବକ୍‌ହାମ୍ପଟନ୍ ଠାରେ ୧୮୪୦ ମସିହା ଜୁନ୍ ୨ ତାରିଖରେ ଥମାସ୍ ହାର୍ଡ଼ି ଜନ୍ମ ହୋଇଥିଲେ। ବାପାଙ୍କ ନାମ ଥମାସ୍। ସେ ଜଣେ ସ୍ଥପତି ଥିଲେ। ମା'ଙ୍କର ନାମ ଜେମିମା। ଜେମିମା ଖୁବ୍ ପଢୁଥିଲେ। ପୁଅ ଥମାସ୍ ହାର୍ଡ଼ିଙ୍କର ସର୍ବାଧିକ ସମୟ ମା'ଙ୍କ ସହିତ ବିତୁଥିଲା। ସେ ସ୍କୁଲକୁ ଯିବା ପର୍ଯ୍ୟନ୍ତ ଜେମିମା ହିଁ ତାଙ୍କୁ ପାଠ ପଢ଼ାଇଥିଲେ। ଇଂରାଜୀ ସହିତ ଲାଟିନ୍ ଭାଷାରେ ସେ ଶିକ୍ଷା ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ ୧୬ ବର୍ଷ ସେତେବେଳେ ସେ ଜଣେ ସ୍ଥପତିଙ୍କ ନିକଟରେ ରହି କାମ କଲେ।


**ଲଣ୍ଡନରେ ଖ୍ୟାତି :** ୧୮୬୨ରେ ସେ ଲଣ୍ଡନ୍ ଆସିଲେ। ଲଣ୍ଡନ୍ ଆସିବା ବେଳକୁ ସେ ସ୍ଥାପତ୍ୟ ବିଦ୍ୟାରେ ଧୂରନ୍ଧର ହୋଇ ଉଠିଥିଲେ। ଲଣ୍ଡନ୍‌ର କିଙ୍ଗ୍ସ କଲେଜରେ ତାଙ୍କର ନାମ ଲେଖାଗଲା। ଠିକ୍ ଏତିକିବେଳକୁ ଗୋଟିଏ ଘଟଣା ଯାହା ତାଙ୍କୁ ସବୁଆଡ଼େ ପରିଚିତ କରାଇଦେଲା। ସେ ରୟାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ରିଟିଶ୍ ଆର୍କିଟେକ୍ଟସ୍ ଆଣ୍ଡ ଆର୍କିଟେକ୍‌ଚୁରାଲ୍ ଆସୋସିଏସନ୍ ଦ୍ୱାରା ପୁରସ୍କୃତ ହେଲେ। ଫଳରେ ତାଙ୍କର ଖ୍ୟାତି ବଢ଼ିଗଲା।

**ସ୍ୱର୍ଶକାତର ହାର୍ଡ଼ି :** ହାର୍ଡ଼ି ଘର, ମା' ଏବଂ ଆତ୍ମୀୟଙ୍କୁ ନେଇ ଭାରି ସ୍ୱର୍ଶକାତର ଥିଲେ। ସେଥିଲାଗି ସେ ଲଣ୍ଡନ୍‌ରୁ ବାରମ୍ବାର ଘରକୁ ଫେରି ଆସୁଥିଲେ। ସେ ଯେ କେବଳ ପାଠ ବହି ମଧ୍ୟରେ ନିଜକୁ ନିୟୋଜିତ ରଖୁଥିଲେ ତାହା ନୁହେଁ; ଅଧିକନ୍ତୁ ଅନେକ ସଂସ୍କାରମୂଳକ କାର୍ଯ୍ୟରେ ସେ ନିଜକୁ ଲିପ୍ତ ରଖୁଥିଲେ। ଏକ ସାକ୍ଷାତକାରରେ ହାର୍ଡ଼ି କହିଥିଲେ ଯେ, ଜନ୍ ଷ୍ଟୁଆର୍ଟ ମିଲ୍‌ଙ୍କ ଲେଖା ସବୁକୁ ପଢ଼ିବା ପରେ ସେ ଲେଖାଲେଖି କରିବା ଆରମ୍ଭ କରିଥିଲେ।

**ବୈବାହିକ ଜୀବନ :** ୧୮୭୦ ମସିହାରେ ହାର୍ଡ଼ି ପ୍ୟାରିସ୍ ଗଲେ। ହାର୍ଡ଼ି ଜଣେ ଭଲ ଆର୍କିଟେକ୍ଟ ଥିଲେ। ତେଣୁ ସେ ପ୍ୟାରିସ୍‌ର କଣ୍ଡ୍ରଓାଲ୍ ସ୍ଥିତ ସେଣ୍ଟ ଜୁଲିଅଟ୍ ଚର୍ଚ୍ଚର ମରାମତି କରିବାକୁ ଯାଇଥିଲେ। ସେଠାରେ ତାଙ୍କ ଭେଟ ହୋଇଥିଲା ଏମା ଲାଭିନିଆ ଜିଫୋର୍ଡ଼ଙ୍କ ସହିତ। ପରେ ସେମାନେ ପରସ୍ପରକୁ ପ୍ରେମ କରି ବସିଥିଲେ। ୧୮୭୪ ମସିହାରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେଲେ। ତେବେ ତାଙ୍କର ବୈବାହିକ ଜୀବନର ଖୁସି ବେଶିଦିନ ରହି ନ ଥିଲା। ୧୯୧୨ରେ ଏମା'ଙ୍କର ଅକାଳ ବିୟୋଗ ଘଟିବା ତାଙ୍କ ପାଇଁ ଥିଲା ଏକ ଦୁଃଖଦାୟକ ଘଟଣା। ଏହି ଘଟଣାରେ ସେ ଭାଙ୍ଗି ପଡ଼ିଲେ। ୧୯୧୨ରୁ ୧୯୧୩ ମଧ୍ୟରେ ହାର୍ଡ଼ି ରଚନା କରିଥିବା କବିତା ଗୁଡ଼ିକରୁ ଏମା'ଙ୍କ ବିୟୋଗ ତାଙ୍କର ମାନସିକତାକୁ କିଭଳି ଦୋହଲାଇ ଦେଇଥିଲା ତାହା ବେଶ ଭଲଭାବରେ ଜାଣି ହୋଇଯାଏ।

**ପ୍ରଥମ ଉପନ୍ୟାସ :** ହାର୍ଡ଼ିଙ୍କ ପ୍ରଥମ ଉପନ୍ୟାସ ହେଉଛି 'ଦି ପୁଅର ମ୍ୟାନ୍ ଆଣ୍ଡ୍ ଦି ଲେଡ଼ି'। ୧୮୬୭ ମସିହାରେ ସେ ଏହି ଉପନ୍ୟାସର ରଚନା ଶେଷ କରିଥିଲେ। ମାତ୍ର ଉପନ୍ୟାସଟିକୁ ପ୍ରକାଶିତ କରିବା ପାଇଁ ହାର୍ଡ଼ି ଜଣେ ପ୍ରକାଶକ ଯୋଗାଡ଼ କରିପାରି ନ ଥିଲେ। ସବୁଆଡୁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ତାଙ୍କର ଜଣେ ବନ୍ଧୁ ଥିଲେ ଜର୍ଜ ମେରେଡିଥ୍। ଜର୍ଜ ଜଣେ ଔପନ୍ୟାସିକ ଥିଲେ। ହାର୍ଡ଼ିଙ୍କ ତାଙ୍କୁ ଉପନ୍ୟାସର ପାଣ୍ଡୁଲିପି ପଢ଼ିବା ପାଇଁ ଦେଲେ। ସେତିକିନୁହେଁ ତାଙ୍କ ପାଇଁ ଜଣେ ପ୍ରକାଶକ ଯୋଗାଡ଼ କରିଦେବାକୁ ଅନୁରୋଧ କଲେ। ପାଣ୍ଡୁଲିପି ପଢ଼ିସାରି ଜର୍ଜ ମେରେଡିଥ୍ କହିଥିଲେ, ସେ ଏହାକୁ ପ୍ରକାଶିତ ନ କରିବା ଭଲ। କାରଣ ଏହା ପ୍ରକାଶିତ ହେଲେ ଦେଶରେ ରାଜନୈତିକ ବିପ୍ଳବ ସୃଷ୍ଟି ହେବ। ଫଳରେ ଏଥିପାଇଁ ତାଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିବ। ଏକଥା ଶୁଣି ହାର୍ଡ଼ି ତାଙ୍କର ପାଣ୍ଡୁଲିପିଟିକୁ ନଷ୍ଟ କରି ଦେଲେ ଓ ତାହାର କାହାଣୀକୁ ଅନ୍ୟ ଉପନ୍ୟାସ ସବୁରେ ବିନିଯୋଗ କଲେ। ୧୯୨୭ ମସିହା ବେଳକୁ ହାର୍ଡ଼ିଙ୍କ ଅବସ୍ଥା ଖୁବ୍ ବିଗିଡ଼ି ଯାଇଥିଲା। ସେ ହୃଦ୍‌ରୋଗର ଶିକାର ହୋଇଥିଲେ। ମାକ୍ସ ଗେଟ୍ ଥିଲା ତାଙ୍କର ପ୍ରିୟ ସ୍ଥାନ। ୧୯୨୮ ମସିହା ଜାନୁଆରୀ ୧୧ ତାରିଖ ଦିନ ତାଙ୍କର ପରଲୋକ ଘଟିଥିଲା।







## କେତୋଟି ଏକପଦୀ

**– ହୃଷୀକେଶ ପୁରୋହିତ**

॥ ଅବସାଦ ॥
ଦୁଇଟି ମନର ଗୋଟିଏ ସପନ
ବାୟା ଚଢ଼େଇର ବସା
ଡାଳ ଭାଙ୍ଗିଗଲେ ପକ୍ଷୀ ଉଡ଼ିଯାଏ
ଶୂନ୍ୟ ହୋଇଯାଏ ରସା ॥

॥ ଠିକଣା ॥
ନାମ ସିନା ହେବ ଅଲଗା ଅଲଗା
ଠିକଣା ସଭିଙ୍କ ଏକ
ଉପରୁ ଆସିଲେ ଚିଠି ଯାହା ପାଇଁ
ଠିକଣା ବଦଳିଯିବ ॥

॥ ମୁଁ ॥
ମୁଁ ଏକା ମୋର ଅହଂକାର ମାତ୍ର
କ୍ଷଣିକ ସୁଖର ପୂଜାରୀ
ମୋ ସାଙ୍ଗେ ଯେବେ ତୁମେ ମିଶିଯିବ
ସବୁ ଯାଇଥିବ ସରି ॥

॥ ରାତି ॥
ରାତି ହୋଇଲାଣି ଅନେକ ଅନେକ
ଶୋଇଯାଅ ଶୋଇଯାଅ
ଝରକା ବାହାରେ ବୋମାର ଆତଙ୍କ
କାଳେ ଜଳିଯିବ ଦେହ ॥

॥ ଦର୍ଶନ ॥
ଜୀବନ ଅଟଇ ତିନୋଟି ଅକ୍ଷର
ବଞ୍ଚିବାର ଚାରିଦିନ
ଯିଏ ବୁଝିଅଛି ସିଏ ହିଁ ପାଇଛି
ଜୀବନର ନିଦର୍ଶନ ॥

*– ପ୍ୟାଲେସ୍ ଭବନ, ବଲାଙ୍ଗୀର*

## ସ୍ୱପ୍ନ

**– ରବୀନ୍ଦ୍ର କୁମାର ପରିଡ଼ା**

ସ୍ୱପ୍ନରେ ଅନେକ ଆସନ୍ତି
ତମେ ବି ଆସ
ତମ ଆସିବା ଏବଂ ଅନ୍ୟମାନଙ୍କ
ଆସିବା ଭିତରେ
ଅନେକ ଫରକ ଅଛି
ଆସ ଗଭୀର ନିଦରେ
ପ୍ରେମର ଦିହୁଡ଼ି ଜାଳି,
ଅନ୍ୟମାନେ ଆସନ୍ତି
ଛାଇ ଛାଇ ନିଦରେ
କୁହୁଡ଼ି ଭଳି,
ମୋ ଛାତି ତଳେ ତମର ଏକ
ସ୍ୱତନ୍ତ୍ର ଛାପ ରହିଛି,
କିନ୍ତୁ ଅନ୍ୟମାନଙ୍କର ଛବି ପଲକରେ ଆସେ
ପଲକରେ ଯାଏ, ଏବେ କୁହ
ତମକୁ ତ ମୁଁ ନିଶ୍ଚୟ ଭଲପାଇବି କି ନାହିଁ ?
ଏଣୁ ଅଭିମାନ କରି ମୋତେ
ଦୋଷୀ କରନା,
ମୁଁ ଗଭୀର ଆଘାତ ପାଇବି, ଯଦି ଏଥିରେ
ମୋର କିଛି କହିବାର ନାହିଁ
ଥରେ ଭାବି ଦେଖ ।

*– ସେ ୪/୨୪, ନୀଳାଦ୍ରି ବିହାର*
*ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

## ଆଖିରେ ଆଖିରେ

**– ଚିନ୍ମୟୀ ପଣ୍ଡା**

ତୁମକୁ ଦେଖି ପୁଣି ମୁଁ ସେହି 'ଜଷ୍ଟ କଲେଜ ଗୋଇଙ୍ଗ' ହୋଇଗଲି । ଏୟାରପୋର୍ଟରେ ପଛରୁ ଦେଖି ଭାବି ନ ଥିଲି ତମେ ବୋଲି । ହଠାତ୍ ଆଖି ପଡ଼ିଲା । ଦୀର୍ଘ ପନ୍ଦର ବର୍ଷ ପରେ... ବହୁତ ପରିବର୍ତ୍ତନ ଥିଲା ଅବଶ୍ୟ । କିନ୍ତୁ ଆଖି ତ ବଦଳେନି ନା ।

ମୁଁ... ହଁ... ମୁଁ ବି ବଦଳି ଯାଇଛି । ମୋଟି ହେଇଯାଇଛି । ମୋ ଚୁଟି ସବୁ ଲମ୍ବା ହୋଇଯାଇଛି । ଯେମିତି ତମକୁ ଭଲଲାଗେ । ଯାହା ନେଇ ଆମ ଭିତରେ ସବୁବେଳେ କଥା କଟାକଟି ହୁଏ । ହଁ, ମୁଁ ଡାର୍କ କଲର ଲିପ୍‌ଷ୍ଟିକ୍ ବି ଲଗେଇଛି । ଯାହା ତୁମକୁ ଭଲ ଲାଗେନି । ତଥାପି ତୁମ ସେଇ ଦୁଷ୍ଟ ଆଖି ଦୁଇଟି ମୋ ଉପରେ ନଜର ପଡୁପଡୁ କେମିତି ବିସ୍ଫୋରିତ ହୋଇଗଲା । ଓଠ ଦୁଇ ପାର୍ଶ୍ୱକୁ ଲମ୍ବିଗଲା ଓ ତୁମେ ସେମିତି ସୁନ୍ଦର ହସରେ ବିମୋହିତ ହୋଇ ଘଡିଏ ଚାହିଁଲ । ସେଇ ଚାହାଣିରେ ମୁଁ ଫେରିଗଲି ୧୫ ବର୍ଷ ତଳକୁ ।

ବର୍ଷା ! ବର୍ଷା ତ୍ରିପାଠୀ ! ବାପା, ମା'ଙ୍କ ଏକମାତ୍ର ଅଲିଅଳି ସନ୍ତାନ । ଭାରି ଅମାନିଆ । ଅଭିମାନୀ । ମୁଡ୍ଡି । ଠିକ୍ ବର୍ଷାଭଳି । ମୋ ମନ ମାନିଲା ତ ମୁଁ ତୁମର । ମୁଁ ରୁଷିଲି ତ କାହାର ନୁହଁ । ହସୁଥିବି ତ ହସି ଚାଲିଥିବି । ଯଦି ରାଗିଲି, ଦୁନିଆ ଓଲଟି ଗଲେ ବି ମୁଁ ଆଉ କିଛି ଶୁଣିବିନି । କି କିମିଆ କଲ । ମୋ କଲେଜ ଯିବା ଆଉ ଫେରିବା ଟାଇମ୍‌କୁ ଚାହିଁ ବସିଥାଅ ଯେମିତି । ମୁଁ ତ ଅଭିନୟ କରେ । ଯେମିତି ତମକୁ ଦେଖିନି । କିନ୍ତୁ ଆଖି ଦିଓଟି ଜମା ବୋଲ ମାନନ୍ତିନି । ରାସ୍ତାକୁ ଏକାକାର କରିଦିଅନ୍ତି ଚାହିଁ ଚାହିଁ । ତୁମ ଆଖି ସହିତ ମିଶି ଫେରି ଆସନ୍ତି ମୋ ପାଖକୁ । ଜୀବନ ରଙ୍ଗମଞ୍ଚରେ ଆମେ ନାୟକ ନାୟିକା । ଆଉ ବୟସ ଆମକୁ ପ୍ରେମଖେଳ ଖେଳାଉ ଥିଲା ।

ପ୍ରଜାପତି ବୟସ ମୋର । ସେଥିରେ ପୁଣି ପ୍ରେମର ଫଲ୍‌ଗୁ । ଦ୍ରୁତ ଓ ଦମ୍‌ଦାର ଆଖି ; ଯାହା କାହା ସାଥିରେ କଥା ହେବା ବେଳେ ବି ତଳକୁ ହୁଏନି, ପ୍ରେମର ଓଜନରେ ଭାରି ହୋଇ ଲାଜଲାଜ ହେଉଥିଲା । ମୁଁ ପ୍ରେମନଗର ବାସିନ୍ଦା ହୋଇ ଯାଇଥିଲି । ମୋ କାନକୁ ସେଇ ସବୁ ଶୁଭୁ ଥାଏ ଯାହା ତୁମେ କହି ବି ନ ଥିଲ । ଆଖି ସେଇ ସବୁ ଦେଖୁଥାଏ ଯାହା ଆମେ କେବେ ସୁଯୋଗ ବି ପାଇ ନ ଥିଲେ ।

ମୋ ସାଙ୍ଗସାଥୀ କହୁଥିଲେ ମୁଁ କୁଆଡ଼େ ଆହୁରି ସୁନ୍ଦର ଲାଗୁଥିଲି । ଆଉ ସେଇ ସୁନ୍ଦର ଦେଖାଯିବା ଖବର ଚାରିଆଡ଼େ ପ୍ରଚାର ହେବା ମାତ୍ରେ ଘରକୁ ମୋ ବିବାହ ପ୍ରସ୍ତାବ ଆସିବା ସୁଅ ଛୁଟିଲା । ହତାଶ ମନ ନେଇ ବିବାହ କରି ଆସିଲି ସେଇଠିକି ମୋ ଭାଗ୍ୟ ଯୋଉଠି ମୋ କାହାଣୀ ଲେଖିଥିଲା । ସାଲିସ୍‌ର ଅନ୍ୟନାମ ଜୀବନ ହେଉହେଉ ସେଇ ଜୀବନ ବି ଭଲ ଲାଗିଲା । କିନ୍ତୁ ମନର ଚିତ୍ରପଟରେ ତୁମେ ହିଁ ମୋ 'ହିରୋ' ହୋଇ ରହିଗଲ । ଯାହା ବାସ୍ତବରେ ପାଇନାହିଁ, କଳ୍ପନାରେ ତୁମ ସାଥିରେ ସେଇ ଜୀବନ ବିତେଇଲି । ବୋଧେ ପ୍ରେମ ନ ଥିଲେ ଆଉ ତୁମେ ନ ଥିଲେ ଏହା ସମ୍ଭବ ହୋଇ ନ ଥାନ୍ତା । ସ୍ୱପ୍ନ ପାଇଁ କାହାଣୀ ଦରକାର ନା ! ମୋ କାହାଣୀ ତ ତମେ ।

ଯାଃ ଆଜି ବି ସେମିତି ଅଧା ରହିଗଲା । ସବୁ କିଛି ଆଖିରେ ଆଖିରେ ।

ତୁମେ ଆଖିରେ ପଚାରିଲ, ଆରେ ତୁମେ ?

ମୁଁ ବି ଆଖିରେ କହିଲି, ''ହଁ... କିନ୍ତୁ ଚିହ୍ନିଦେଲ ନା !''

''ଚିହ୍ନି ପାରିବିନି ? ତୁମେ ଆଜି ବି ଅଛ ମୋ ହୃଦୟରେ' ତୁମେ ସେମିତି ସ୍ନିଗ୍ଧ ହସ ହସି କହିଥିଲ ଆଖିରେ ଆଖିରେ ।

*– ଅଙ୍କୁର ପ୍ଲେ ସ୍କୁଲ୍,*
*ଆଇଆରସି ଭିଲେଜ୍, ଭୁବନେଶ୍ୱର*







ପ୍ରାପ୍ତି



ସୋନାକ୍ଷୀ



# ରାଜି ହେଲେ ଅଭିଷେକ

ଯାହା ଘଟିଗଲା ତାହା ଅତୀତ ଆଉ ତାହାକୁ ଭୁଲି ଯିବାକୁ ଚାହାନ୍ତି ଅଭିଷେକ ବଚ୍ଚନ। କେତେବେଳେ କ'ଣ ଘଟିଥିଲା ତାହାକୁ ଯଦି ଧରି ବସିବେ ତେବେ ଆଗକୁ ଆଗେଇବା ଅସମ୍ଭବ ବୋଲି କହିଛନ୍ତି ସେ। ନିକଟରେ ସ୍କ୍ରିପ୍ଟ ରାଇଟର ତଥା ନିର୍ଦ୍ଦେଶକ ଅନୁରାଗ କାଶ୍ୟପଙ୍କ ସହ ତାଙ୍କର ମନୋମାଳିନ୍ୟ ହୋଇଥିଲା। ଅନୁରାଗଙ୍କ ନିର୍ଦ୍ଦେଶିତ 'ମନମର୍ଜିୟାଁ'ରେ ଅଭିଷେକ ଅଭିନୟ କରିଛନ୍ତି, ଯାହା ଚଳିତ ମାସରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମର ଶୁଟିଂ ସମୟରେ କେତେକ କଥାକୁ ନେଇ ଦୁହିଁଙ୍କ ଭିତରେ ବାକ୍‌ଯୁଦ୍ଧ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଅନୁରାଗଙ୍କ ସହ ଆଦୌ କଥା ହୋଇ ନ ଥିଲେ ଅଭିଷେକ। କିନ୍ତୁ ଏହାର ଅସଲ କାରଣ ଉପରକୁ ପରଦା ହଟାଇଛନ୍ତି ଅଭିଷେକ। ସେ କହିଛନ୍ତି, '୨୦୦୪ରେ ରିଲିଜ ହୋଇଥିବା ମଣି ରତ୍ନମଙ୍କ 'ଯୁବା' ସମୟରୁ ତାଙ୍କ ସହ ମୋର କଥାବାର୍ତ୍ତା ନ ଥିଲା। ସେହି ଫିଲ୍ମର ସ୍କ୍ରିପ୍ଟ ଲେଖିଥିଲେ ଅନୁରାଗ। ହେଲେ ସେଥିରେ ମୋ ଅଭିନୟକୁ ନେଇ ସେ କିଛି ବିବାଦୀୟ ମନ୍ତବ୍ୟ ଦେଇଥିଲେ, ଯାହା ମୋତେ ଗଭୀର ଆଘାତ ଦେଇଥିଲା। ହେଲେ ସେହି ଘଟଣାକୁ ଏବେ ମୁଁ ମନରୁ ପୋଛି ଦେଇଛି ଏବଂ ତାଙ୍କ ନିର୍ଦ୍ଦେଶନାରେ ପ୍ରଥମ ଥର ପାଇଁ 'ମନମର୍ଜିୟାଁ'ରେ କାମ କରିଛି। ଏଣିକି ଯଦି ପୁଣି ଥରେ ଅଫର ମିଳେ ତେବେ ମନା କରିବି ନାହିଁ।'

# କୋଟିଏରେ ଗୋଟିଏ ମନ

ସମାଜର ଚତୁର୍ଥ ସ୍ତମ୍ଭ ହେଉଛି ଗଣମାଧ୍ୟମ। ଦୁନିଆରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ଏଥିରେ ପ୍ରକାଶ କରାଯାଏ। ଏହି ମିଡିଆ ହାଉସ୍ ଉପରେ ପର୍ଯ୍ୟବସିତ ଏକ ମୌଳିକ ତଥା ସତ୍ୟ ଘଟଣାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା। ଏହାର ଶୀର୍ଷକ ରହିଛି 'କୋଟିଏରେ ଗୋଟିଏ ମନ'। ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇ ଏହାର ନିର୍ଦ୍ଦେଶକ ନରୋତ୍ତମ ପରିଡା କହନ୍ତି, 'ସତ୍ୟର କେବେ ମୃତ୍ୟୁ ନାହିଁ। ଏହାକୁ ଯେତେ ଲୁଚାଇଲେ ମଧ୍ୟ ତାହା କେଉଁଠି ନା କେଉଁଠି ପ୍ରକାଶ ପାଏ। ଏ ସମାଜର ପ୍ରତ୍ୟେକ ମଣିଷର ମନର ଭାବାବେଗକୁ ବିଭିନ୍ନ ଚରିତ୍ର ମାଧ୍ୟମରେ ଉକ୍ତ ଚଳଚ୍ଚିତ୍ରରେ ଦୃଶ୍ୟାୟିତ କରାଯାଇଛି। ଏଭଳି ଏକ ଭିନ୍ନ ଧରଣର ତଥା ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରହିଛି।' ମିଲନ୍ ମୁଭିଜ, ଭୁବନେଶ୍ୱର ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦିଲୀପ କୁମାର ଧୀରସାମନ୍ତ। କାହାଣୀ, ଚିତ୍ରନାଟ୍ୟ, ସଙ୍ଗୀତ, ସିନେମାଟୋଗ୍ରାଫି ଏବଂ ସହ-ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅନ୍ୟତମ ଆଗଧାଡିର କ୍ୟାମେରାମ୍ୟାନ ତଥା ନିର୍ଦ୍ଦେଶକ ରାଜୁ ମିଶ୍ର। ସଂଯୋଜିତ ଗୀତଗୁଡିକୁ ରଚନା କରିଛନ୍ତି ସଚ୍ଚି ମହାନ୍ତି ଏବଂ ପ୍ରଦୀପ୍ତ ନନ୍ଦ। ମିହିର ଦାସ, କୁନା ତ୍ରିପାଠୀ, ରିତୁ ଷଡ଼ଙ୍ଗୀ, ରୋହିତ ରାଜ, ଅମରଜିତ ମିଶ୍ର, ମଧୁସ୍ମିତା ପ୍ରଧାନ, ଅଙ୍କିତା ରାଉତ, କୁନ୍‌ମୁନ୍ ମିତା ଚକ୍ରବର୍ତ୍ତୀ, ନିବେଦିତା ସାମଲଏବଂ ପ୍ରାପ୍ତି ନାୟକ (ବର୍ଷା) ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

# ଅଡୁଆରେ କଙ୍ଗନା



ସେତେଯେମିତି ଅଡୁଆ କଙ୍ଗନାଙ୍କ ପିଛା ଛାଡିବାକୁ ନାରାଜ। ହୃତିକଙ୍କ ସହ ତୁ ତୁ ମେଁ ମେଁ ଶେଷ ନ ହେଉଣୁ ଏବେ ପୁଣି ଥରେ ବିବାଦରେ ଛନ୍ଦି ହୋଇଛନ୍ତି ଏହି ନାୟିକା। ଐତିହାସିକ ପୃଷ୍ଠଭୂମି ତଥା ନାରୀଙ୍କ ପାଇଁ ଆଲୋକବର୍ତ୍ତିକା ସାଜିଥିବା ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କ ଜୀବନକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ମଣିକର୍ଣ୍ଣିକା : ଦ କୁଇନ୍ ଅଫ ଝାନ୍‌ସୀ'। ଉକ୍ତ ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି କଙ୍ଗନା ରାଣାଓ୍ୱତ। ଫିଲ୍ମଟିକୁ ନେଇ ସେ ବହୁତ ଆଶା ବାନ୍ଧି ବସିଛନ୍ତି। ହେଲେ ଏହାର ପୋଷ୍ଟ ପ୍ରଡକ୍ସନ ବେଳେ କେଁ ସୃଷ୍ଟି ହୋଇଛି ବୋଲି ଚିତ୍ରନାଟ୍ୟ ରଚୟିତା ଅପୂର୍ବ ଆସରାନୀ ପରୋକ୍ଷରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେତେକ ସିନ୍‌ର ଚିତ୍ରନାଟ୍ୟରେ ପରିବର୍ତ୍ତନ ଆଣିବାକୁ କଙ୍ଗନା ଜିଦ୍ ଧରିଛନ୍ତି, ଯାହାକୁ ନେଇ ପୋଷ୍ଟ ପ୍ରଡକ୍ସନରେ ବାଧା ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି। ତେବେ ଏସବୁ ଅଭିଯୋଗ ପଛରେ କେତେ ସତ୍ୟତା ରହିଛି ତାହା କେବଳ କଙ୍ଗନାଙ୍କୁ ହିଁ ଜଣା। ଦେଖାଯାଉ, କେଉଁପାଣି କୁଆଡେ ଯାଉଛି।

# ପୁଣି ଥରେ ଆଇଟମ୍

ପ୍ରଥମେ 'ଓ ମାଇଁ ଗଡ୍' ତା'ପରେ 'ବସ୍', 'ହିମ୍ମତୱାଲା' ଏବଂ 'ଅଲ୍ ଇଜ ୱେଲ୍'- ଏସବୁ ସିନେମାରେ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିଥିଲା ଆଇଟମ ଗର୍ଲ ଭାବରେ। ଆଉ ପୁଣି ଥରେ ସେ ଆଇଟମ ନମ୍ବରରେ ନାଚିବାକୁ ଯାଉଛନ୍ତି। ଇନ୍ଦ୍ର କୁମାରଙ୍କ ଆଗାମୀ ଫିଲ୍ମ 'ଟୋଟାଲ ଧମାଲ'ରେ ସୋନାକ୍ଷୀ ପୁଣି ଥରେ ଆଇଟମ ଗର୍ଲ ସାଜୁଛନ୍ତି। ଏଥିରେ ସଂଯୋଜିତ ଆଇଟମ ନମ୍ବର 'ମୁଙ୍ଗଡା'ର ତାଳେ ତାଳେ ନାଚିବେ ସେ। ଯେତେବେଳେ ଇନ୍ଦ୍ର କୁମାର ତାଙ୍କୁ ଏହି ଅଫରଟି ଦେଲେ ସେତେବେଳେ ସୋନାକ୍ଷୀ ଆଖି ବୁଜି ହଁ ଭରିଥିଲେ। ନିକଟରେ ରିଲିଜ ହୋଇଥିବା 'ହାପି ଫିର୍ ଭାଗ୍ ଯାୟେଗି'ରେ ଆଇଟମ ନମ୍ବର 'ମେରା ନାମ୍ ଚିନ୍ ଚିନ୍ ଚୁ' ସୋନାକ୍ଷୀଙ୍କୁ ନେଇ ଦୃଶ୍ୟାୟିତ ହୋଇଥିଲା। 'ଟୋଟାଲ ଧମାଲ'ରେ ଅନିଲ କପୁର, ମାଧୁରୀ ଦୀକ୍ଷିତ, ଅଜୟ ଦେବଗନ, ଆର୍ସାଦ ୱାର୍ସି, ଈଷା ଗୁପ୍ତା, ରିତେଶ ଦେଶମୁଖ ଏବଂ ଜାଭେଦ ଜାଫ୍ରି ଅଭିନୟ କରିବେ। ଇନ୍ଦ୍ର କୁମାରଙ୍କ ବ୍ୟତୀତ ଅଶୋକ ଥାକେରିଆ, ଅଜୟ ଦେବଗନ ଏହାର ଅନ୍ୟତମ ପ୍ରଯୋଜକ ଅଛନ୍ତି। ୩୧ବର୍ଷ ବୟସ୍କା ସୋନାକ୍ଷୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଦବଙ୍ଗ'ରୁ। 'ରାଉଡି ରାଥୋଡ', 'ଆର୍ ରାଜକୁମାର' ବ୍ୟତୀତ 'ଅକିରା' ଏବଂ 'ନୂର'ରେ ସୋନାକ୍ଷୀଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା।

# କରୀନାଙ୍କ ଘରବାହୁଡା

କରୀନାଙ୍କର ଘର ବାହୁଡା ହୋଇଛି। ଆଉ ଏହାକୁ ନେଇ ବେଶ୍ ଖୁସି ଅଛନ୍ତି ସେ। କଥା କ'ଣ କି ପୁଣି ଥରେ କରନ୍ ଜୋହରଙ୍କ କ୍ୟାମ୍ପକୁ ଫେରିଛନ୍ତି ଏହି ଅଭିନେତ୍ରୀ। ଅର୍ଥାତ୍ କରନ୍‌ଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଥିବା 'ତଖ୍ତ'ରେ ରଣବୀର ସିଂଙ୍କ ସହ ସେ ସ୍କ୍ରିନ୍ ଶେୟାର କରିବେ। ଆଉ ଏକଥା ଜାଣିବା ପରେ ତାଙ୍କର ଖୁସି ଦ୍ୱିଗୁଣିତ ହୋଇଯାଇଛି। ଏ ସମ୍ପର୍କରେ କରୀନା କହନ୍ତି, 'କରନ୍‌ଙ୍କ ଫିଲ୍ମରେ ମୁଁ ପୁଣି ଥରେ ଆକ୍ଟିଂ କରିବାକୁ ଯାଉଛି, ଏହାକୁ ନେଇ ମୁଁ ଯେ କେତେ ଖୁସି ତାହା ବର୍ଣ୍ଣନା କରିପାରିବି ନାହିଁ। ଅନ୍ୟପକ୍ଷରେ ରଣବୀର ସିଂଙ୍କ ପରି ଅଭିନେତାଙ୍କ ସହ ମୁଁ କ୍ୟାମେରା ସାମନା କରିବି, ଯାହା ମୋ ଖୁସିକୁ ଦ୍ୱିଗୁଣିତ କରିଦେଇଛି। ରଣବୀର, କରୀନାଙ୍କ ବ୍ୟତୀତ ଏହି ଫିଲ୍ମରେ ଜାହ୍ନବୀ କପୁର, ଅନିଲ କପୁର, ଆଲିୟା ଭଟ୍ଟ, ଭୂମି ପେଦେନେକର, ଭିକି କୌଶଲ ପ୍ରମୁଖ କଳାକାର ଅଭିନୟ କରିବେ।



କରୀନା

# ଗଛ ଚଢ଼ା ଶିଖୁଛନ୍ତି ଆଦା

ଆଦା ଶର୍ମା ଏବେ ଗୋଟିଏ କାମରେ ବ୍ୟସ୍ତ। ସୀମିତ ସମୟ ଭିତରେ ଏହି କାମକୁ ଯେମିତି ହେଲେ ଶେଷ କରିବାକୁ ପଡିବ। ତାହା କ'ଣ ଜାଣନ୍ତି ? ଗଛ ଚଢ଼ା। ହେଲେ କ'ଣ ଏମିତି ଦରକାର ପଡିଲା ଯେ ସେ ଗଛ ଚଢ଼ା ଶିଖୁଛନ୍ତି। ଏବେ ଆଦା ଏକ ଆକ୍ସନ ଥ୍ରୀଲର ହିନ୍ଦୀ ସିନେମା 'କମାଣ୍ଡୋ ୩'ରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କୁ ଗଛ ଚଢ଼ିବାକୁ ପଡିବ। ଅର୍ଥାତ୍, ଯେଉଁ କଥାକୁ ସେ ପିଲାଦିନରୁ ଡରନ୍ତି ଏବେ ସେହି କାମ କରିବାକୁ ପଡିବ। ଯେହେତୁ ଆକ୍ଟିଂ ସହ ଏହା ଜଡିତ ତେଣୁ ସାହସର ସହ ଗଛ ଚଢ଼ିବା ଶିଖୁଛନ୍ତି। ପୁଣି ଏଭଳି ଫଟୋକୁ ସେ ତାଙ୍କର ସୋସିଆଲ ସାଇଟ୍‌ରେ ପୋଷ୍ଟ କରିଛନ୍ତି। ଏ ବିଷୟରେ ଆଦା କହନ୍ତି, 'ଏହି ଫିଲ୍ମରେ ମୋ ଭୂମିକାଟି ହେଲା ଭାବନା ରେଡ୍ଡୀ।' ଏଭଳି ଏକ ଆକ୍ସନ ଥ୍ରୀଲର ଫିଲ୍ମ ମୋ କ୍ୟାରିୟରକୁ ବେଶ୍ ମାଇଲେଜ ଦେବ ଆଶା ରହିଛି।' 'କମାଣ୍ଡୋ ୩'ରେ ଆଦାଙ୍କ ଅପୋଜିଟ୍‌ରେ ଅଛନ୍ତି ବିଦ୍ୟୁତ ଜାମୱାଲ। ଏହାର ଶୁଟିଂ ଏବେ ଲଣ୍ଡନରେ ଚାଲୁ ରହିଛି। ଏହି ଫିଲ୍ମ ବ୍ୟତୀତ ତାଙ୍କୁ ତାମିଲ ଫିଲ୍ମରେ ବ୍ରେକ୍ ମିଳିଛି, ଯାହାର ଟାଇଟଲ ରହିଛି 'ଚାର୍ଲି ଚାପଲିନ୍ ୨'। ଲୋକପ୍ରିୟ ଅଭିନେତା ତଥା ପ୍ରଯୋଜକ ପ୍ରଭୁଦେବାଙ୍କ ସହ ତାଙ୍କୁ ଏଥିରେ ଦେଖିବାକୁ ମିଳିବ। ୨୦୦୨ରେ ରିଲିଜ ହୋଇଥିବା ପ୍ରଭୁଦେବାଙ୍କ 'ଚାର୍ଲି ଚାପଲିନ୍'ର ଏହା ହେଉଛି ସିକୁଏଲ୍।



ଆଦା

ପ୍ରଥମ ରୋଜଗାର

# ପ୍ରଥମ ପାରିଶ୍ରମିକରେ ଘଣ୍ଟା କିଣା ହୋଇଥିଲା




କଣ୍ଠଶିଳ୍ପୀ ତଥା ପ୍ରଫେସର ଡ. ମିତାଲି ଚିନାରା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋର ଜନ୍ମ ଓ ପାଠପଢ଼ା ଭୁବନେଶ୍ୱରରେ। ଡି.ଏମ୍. ସ୍କୁଲ୍‌ରୁ ୧୯୮୧ରେ ମାଟ୍ରିକ୍ ପାସ୍ କରିବା ପରେ ରମାଦେବୀ କଲେଜରେ ନାଁ ଲେଖାଇଥିଲି। ସେଠାରୁ ଗ୍ରାଜୁଏଶନ ସାରି ବାଣୀବିହାରରେ ଇକୋନୋମିକ୍ସରେ ଏମ୍.ଏ. କଲି। ତା'ପରେ ମୋର ବାହାଘର ହେଲା। ବାହାଘର ପରେ ଏମ୍.ଫିଲ୍ ଆଉ ଏମ୍.ଫିଲ୍ ପରେ ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗରେ ଅଧ୍ୟାପିକା ଭାବେ ମୁଁ ନିଯୁକ୍ତି ପାଇଥିଲି। ମାତ୍ର ୫/୬ ମାସ ସେଠାରେ ରହିବା ପରେ ରେଭେନ୍ସା କଲେଜକୁ ମୋର ବଦଳି ହେଲା। ପୁଣି ରେଭେନ୍ସାରେ କିଛିଦିନ ରହି ଜେ.କେ.ବି.କେ. କଲେଜକୁ ବଦଳି ହୋଇଗଲି। ସେଠାରେ ମାତ୍ର ବର୍ଷେ ରହିବା ପରେ ପୁନର୍ବାର ରେଭେନ୍ସାକୁ ଆସିଥିଲି। କିଛିଦିନ ପରେ ରମାଦେବୀ କଲେଜକୁ ମୋର ବଦଳି ହେଲା। ରମାଦେବୀରେ ପାଖାପାଖି ୧୨ ବର୍ଷ କାମ କଲି। ଆଉ ତାରି ଭିତରେ ପିଏଚ୍.ଡି. ସାରିବା ସହ ଚାକିରି କ୍ଷେତ୍ରରେ ପ୍ରମୋଶନ ପାଇ କ୍ରମେ ଅଧ୍ୟାପିକାରୁ ପ୍ରାଧ୍ୟାପିକା ହୋଇଥିଲି। ୨୦୧୦ରେ ପ୍ରାଧ୍ୟାପିକା ଭାବେ ବାଣୀବିହାରକୁ ବଦଳି ହୋଇଗଲି। ଆଉ ଏବେ ମୁଁ ବାଣୀବିହାରର ଅର୍ଥନୀତି ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ। ଏ ତ ଥିଲା ମୋ ବୃତ୍ତିଗତ କଥା। ଏହାବାଦ୍ ମୁଁ ଜଣେ କଣ୍ଠଶିଳ୍ପୀ ମଧ୍ୟ। ପିଲାଟି ଦିନରୁ ଗୀତ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲି। ଏପରି କି ୬ଷ୍ଠ/୭ମରେ ପଢ଼ିଲା ବେଳକୁ ରେଡିଓରେ ଗୀତ ଗାଇବା ମଧ୍ୟ ଆରମ୍ଭ କରି ଦେଇଥିଲି। ମୋର ଯେତିକି ମନେପଡୁଛି, ରେଡିଓରେ ପ୍ରଥମ କରି ଯେବେ ଗୀତ ବୋଲିଥିଲି ମୋତେ ୨୫ ଟଙ୍କା ମିଳିଥିଲା। ଆଉ ଏହା ହିଁ ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଟଙ୍କାଟିକୁ ନେଇ ବୋଉଙ୍କୁ ଦେଇଥିଲି। ତା'ପରଠୁ ରେଡିଓ ପ୍ରୋଗ୍ରାମ୍‌ରୁ ଯାହା ଟଙ୍କା ମିଳୁଥିଲା ସବୁ ନେଇ ବୋଉଙ୍କୁ ଦେଉଥିଲି। ବୋଉ ବି ସେ ସବୁ ଟଙ୍କାକୁ ରଖି ରଖି, ସେଥିରେ ଆଉ କିଛି ଟଙ୍କା ମିଶାଇ ନବମ ଶ୍ରେଣୀରେ ମୋତେ ଗୋଟେ ଏଚ୍.ଏମ୍.ଟି. ଘଣ୍ଟା ଗିଫ୍ଟ କରିଥିଲେ। ଘଣ୍ଟାଟି ପାଇଲା ପରେ ଏତେ ଖୁସି ହୋଇଯାଇଥିଲି ଯେ, ମୋ ପାରିଶ୍ରମିକ ଟଙ୍କାରେ ଘଣ୍ଟାଟି କିଣା ହୋଇଥିବା କଥା ସମସ୍ତଙ୍କୁ କହି ପକାଉଥିଲି। ଆଜି ବି ସେଦିନର କଥା ମନେପଡିଲେ ହସ ଲାଗେ। ତେବେ ସେ ଯାହା ହେଉ ଏବେ ମୁଁ ଅଲ୍ ଇଣ୍ଡିଆ ରେଡିଓର ଏ-ଗ୍ରେଡ୍ ଆର୍ଟିଷ୍ଟ ହେବା ସଙ୍ଗେ ସଙ୍ଗେ ଦୂରଦର୍ଶନ ତଥା ଅନେକ ଭଜନ ଓ ଆଧୁନିକ କ୍ୟାସେଟ୍ ଏବଂ ସିଡୀରେ କଣ୍ଠଦାନ କରିସାରିଲିଣି। ଏପରି କି କେତୋଟି ଚଳଚ୍ଚିତ୍ରରେ ପ୍ରଚ୍ଛଦପଟ ଗାୟିକା ଭାବେ ମଧ୍ୟ ଗୀତ ବୋଲି ସାରିଛି, ଯେଉଁଥିପାଇଁ ୨୦୦୪ରେ ମୋତେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବି ମିଳିସାରିଛି। ତେବେ ଏତେ ସବୁ ଭିତରେ ଓଡିଶୀ ଓ ଗୀତଗୋବିନ୍ଦ ଗାୟନ ହିଁ ମୋତେ ଆଜି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ଦେଇପାରିଛି ବୋଲି କହିଲେ ଆଦୌ ଭୁଲ୍ ହେବନାହିଁ ।

-ଅନ୍ୱିତା

# ଉଜାଗରରେ ପାହିଲା ରାତି, କେବେ ଆସିବ ମୋ ସପନ ସାଥୀ

ସାଥୀ



**ପ୍ରଶ୍ନ-** ମୋ ମନରେ ସିଏ ମୋ ସ୍ୱପ୍ନରେ ସିଏ। ତା' କଥା ଭାବି ଭାବି ରାତି ପାହି ଯାଉଛି। ହେଲେ ତା'ସହ କେବେ ସାକ୍ଷାତ ହେବ କହିବେ କି ସାଥୀ ?

*-ପୁଷ୍ପକ କୁମାର, ଦେବଗଡ଼*

**ଉତ୍ତର:** ସତରେ, 'ଉଜାଗରରେ ପାହିଲା ରାତି, କେବେ ଆସିବ ମୋ ସପନ ସାଥୀ'। କେବଳ ସ୍ୱପ୍ନରେ ଭାବିଲେ ଯେ ପ୍ରେମିକା ଆସି ହାଜର ହୋଇଯିବ ତାହା ଭାବିବା ଭୁଲ। ସପନ ରାଇଜରୁ ବାସ୍ତବତାକୁ ଆସନ୍ତୁ। ମନର କଥା, ଆଖିର ଭାଷା ବୁଝିପାରୁଥିବା ସୁନ୍ଦରୀକୁ ମନର ସାଥୀ କରନ୍ତୁ। ବାସ୍, ତା'ପରେ ଆଉ ମନର ମାନସୀ କଥା ଭାବି ଭାବି ରାତି ପାହିଯିବ ନାହିଁ। ଥରେ ସତ ସତିକା ପ୍ରେମର ବିଗୁଲ ବାଜିଗଲେ ତା'ପରେ ଖାଲି ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି !

**ପ୍ରଶ୍ନ-** ମୁଁ ଜଣେ ଝିଅକୁ ୮-୧୦ଥର 'ଆଇ ଲଭ୍ ୟୁ' କହିସାରିଲିଣି। ହେଲେ ସେ କେବଳ ମୋ କଥା ଶୁଣି ଚୁପଚାପ ଚାଲିଯାଉଛି। କ'ଣ କରିବି ?

*-ସୁକାନ୍ତ ସାହୁ, ନୂଆପଡା*

**ଉତ୍ତର:** ମୌନେ ସମ୍ମତି ଲକ୍ଷଣମ। ହେଲେ ଝିଅଟି ଯେତେ ଚୁପଚାପ ରହିଲେ ବି ତା' ଚାଲିଚଳଣି, ଆଖିର ପରିଭାଷାକୁ ଭଲ ଭାବରେ ପଢ଼ନ୍ତୁ। ସେଥିରୁ କିଛି ପ୍ରେମର ଇସାରା ପାଉଛନ୍ତି କି ? ଯଦି ହଁ, ତେବେ ଡେରି କରି ଅଯଥା ସମୟର ଅପଚୟ କରନ୍ତୁ ନାହିଁ। କାରଣ ଶୁଭସ୍ୟ ଶୀଘ୍ରମ୍। ଯଦି ସେପଟୁ କିଛି 'ନାହିଁ ନାହିଁ'ର ସିଗନାଲ ଆସୁଛି ତେବେ ଭାବି ନିଅନ୍ତୁ ରଂ ଜାଗାରେ ଟ୍ରାଏଲ କରୁଛନ୍ତି। ନିଜର ପ୍ରେମ ମିଶନ ସକ୍‌ସେସ୍ କରିବାକୁ ଆଉ କେଉଁଠି ହୁକ ପକାଇପାରନ୍ତି।

**ପ୍ରଶ୍ନ-** କହିବେ କି ସାଥୀ, ଅଧିକାଂଶ ସ୍ୱାମୀ ସେମାନଙ୍କର ପତ୍ନୀଙ୍କୁ ଡରନ୍ତି କାହିଁକି ?

*-ତପନ ପୁରୋହିତ, ଯାଜପୁର*

**ଉତ୍ତର:** ଏପରି ଗହନ କଥା ଭିତରକୁ କାହିଁକି ପଶୁଛନ୍ତି କହିଲେ ? ଆପଣ ବିବାହିତ କି ? ଯଦି ହଁ, ତେବେ ନିଜ ମନକୁ ଏ ପ୍ରଶ୍ନ ପଚାରନ୍ତୁ। ଯଦି ଅବିବାହିତ, ତେବେ ମ୍ୟାରେଜ ପରେ ଏହାର ଉତ୍ତର ଆପେ ଆପେ ପାଇଯିବେ।

**ପ୍ରଶ୍ନ-** ପ୍ରେମିକା ମନରେ ରାଗ, ରୁଷା, ଅଭିମାନ କାହିଁକି ଥାଏ ?

*-ଅନନ୍ତ ସାହୁ, ରାଉରକେଲା*

**ଉତ୍ତର:** ପ୍ରେମିକାର ରାଗ, ରୁଷା, ଅଭିମାନ ଭିତରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ପ୍ରେମର ଗୋଟିଏ ଗୋଟିଏ ଗହଣା ଭାବରେ ଏହାକୁ ନେଇ ପାରନ୍ତି। ହିନ୍ଦୀ ସିନେମା 'ସୋଲେ'ରେ ଧର୍ମେନ୍ଦ୍ର-ହେମାମାଳିନୀ ଉପରେ ପିକ୍ଚରାଇଜେଶନ କରାଯାଇଥିବା ଗୀତ 'କୋଇ ହସୀନା ଜବ୍ ରୁଠ୍ ଜାତି ହେ ତୋ ଔର ଭି ହସୀନା ହୋ ଜାତି ହେ'। ବାସ୍, ପ୍ରେମିକା ରାଗିବା ସମୟରେ, ରୁଷିବା କିମ୍ବା ଅଭିମାନ କରିବା ସମୟରେ ତାହାର ମଜା ନିଅନ୍ତୁ ନା !

**ପ୍ରଶ୍ନ-** ଜୀବନରେ ବହୁତ ସାଥୀ ମିଳନ୍ତି। କେତେକ ବନ୍ଧୁ ହୁଅନ୍ତି ତ ଆଉ କେତେକ ପ୍ରେମିକା। କିନ୍ତୁ ଶେଷରେ ଆଉ ଜଣକ ସହ ସଂସାର କରିବାକୁ ପଡେ। ଏପରି କାହିଁକି ହୁଏ ?

*-ସଂଗ୍ରାମ କେଶରୀ ସାହୁ, ଧୂଆମଡା, ଗଣିଆ, ନୟାଗଡ଼*

**ଉତ୍ତର:** ବେଙ୍ଗୁଲି ଲୋ ପୃଥ୍ୱୀ କ୍ଷଣ କ୍ଷଣକେ ଆନ। ତେଣୁ ଜୀବନର ପ୍ରତ୍ୟେକ ପାହାଚରେ କେତେବେଳେ କ'ଣ ଘଟିଯିବ ତାହା କଳନା କରିବା କଷ୍ଟକର। ପ୍ରେମିକାଟିଏ ପାଇବା ଯେତିକି କଷ୍ଟ ତା' ହାତ ଧରି ପ୍ରେମ ସାଗର ପାର ହୋଇ ଘର ସଂସାର କରିବା ସେତିକି କଷ୍ଟ। ତେଣୁ ପ୍ରେମିକା ଯଦି ପତ୍ନୀ ହୋଇ ନ ପାରିଲା ତେବେ ସେଥିପାଇଁ କିଏ ଦାୟୀ ନିଜେ ଚିନ୍ତା କରନ୍ତୁ।



# ଯୋଗ ଜୁଏଲେରି

**ଯୋଗଦ୍ୱାରା ଶରୀର, ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ। କିନ୍ତୁ ଏବେ ଏମିତି ବି କିଛି ଜୁଏଲେରି ଆସିଲାଣି, ଯାହା ଯୋଗର ବିଭିନ୍ନ ପ୍ରକାରର ମୁଦ୍ରା ତଥା ଯୋଗ ସହ ସମ୍ପର୍କ ଥିବା କିଛି ଧାତୁ ଅବା ଷ୍ଟୋନକୁ ନେଇ ତିଆରି ହୋଇଥାଏ। ଆଉ ଏ ଧରଣର ଜୁଏଲେରିକୁ ବ୍ୟବହାର କରିବା ଦ୍ୱାରା ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ। ସେଥିପାଇଁ ତ ଏହାକୁ ଯୋଗ ଅନୁପ୍ରାଣିତ ଜୁଏଲେରି କୁହାଯାଇଥାଏ...**





**ଯୋ**ଗ ଦ୍ୱାରା ମନ ଶାନ୍ତ ଆଉ ଶରୀର ଫୂର୍ତ୍ତି ହୁଏ। ସେଥିପାଇଁ ଅନେକେ ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବା ପାଇଁ ଯୋଗାଭ୍ୟାସ କରିଥାନ୍ତି। କିନ୍ତୁ ଏବେ ଏମିତି ବି କିଛି ଜୁଏଲେରି ଆସିଲାଣି, ଯାହାର ବ୍ୟବହାର ଶରୀରକୁ ସୁସ୍ଥ ରଖିପାରିବ। ମୁଖ୍ୟତଃ ଯୋଗର ବିଭିନ୍ନ ପ୍ରକାର ମୁଦ୍ରା ତଥା ଭିନ୍ନଭିନ୍ନ ପ୍ରକାରର ଧାତୁ ଖଚିତ ମାଳି, ପଦ୍ମ ଫୁଲ ଓ ଚକ୍ର ଚିହ୍ନ ଥିବା ମୁଦି ତଥା ବ୍ରେସ୍‌ଲେଟ୍, ଓମ୍ ଲକେଟ୍ ଇତ୍ୟାଦି ଡିଜାଇନ୍‌ରେ ଏହି ଜୁଏଲେରି ଆସିଥାଏ। ଏପରି କି ରୁଦ୍ରାକ୍ଷ ଲାଗିଥିବା କୌଣସି ଜୁଏଲେରି ବି ଏହି ଲିଷ୍ଟରେ ଆସିପାରିବ। ତେବେ ଏହି ସବୁ ଜୁଏଲେରି ପିନ୍ଧିଲେ ଯେ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ତାହା ଭାବିବା ଭୁଲ୍। କିନ୍ତୁ ଏହା ମନ ଭିତରେ ସକାରାତ୍ମକ ଚିନ୍ତାଧାରା ଜାତ କରାଇ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ନିଶ୍ଚୟ ପ୍ରବର୍ତ୍ତାଇବ। ସେଥିପାଇଁ ତ ଏହାକୁ ଯୋଗ ଅନୁପ୍ରାଣିତ ଜୁଏଲେରି କୁହାଯାଇଥାଏ। ତେବେ ଏହି ଜୁଏଲେରିର କେଉଁ ଡିଜାଇନ୍ କି ଫାଇଦା ପ୍ରଦାନ କରେ ସେ ସମ୍ପର୍କରେ...

**ହାର୍ଟ ଓ ଆରୋ ଶେପ୍‌ର ମୁଦି:** ଏ ଷ୍ଟାଇଲ୍‌ର ଯୋଗ ଜୁଏଲେରିକୁ ମୁଖ୍ୟତଃ ରୁପାରେ ତିଆରି କରି ପିନ୍ଧିଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଏଥିରେ ହୋଇଥିବା ହାର୍ଟ ଡିଜାଇନ୍ ଆମକୁ ସକାରାତ୍ମକ ଚିନ୍ତା କରିବାକୁ ପ୍ରେରଣା ଦେଉଥିବାବେଳେ ଆରୋ ବା ତୀର ଚିହ୍ନର ଡିଜାଇନ୍ ମନୋବଳ ବଢାଇଥାଏ।

**ରୁଦ୍ରାକ୍ଷ ମାଳି:** ଏବେ ମାର୍କେଟ୍‌ରେ ରୁଦ୍ରାକ୍ଷ ଲାଗିଥିବା ଅନେକ ଭେରାଇଟ୍‌ର ଜୁଏଲେରି ମିଳିଲାଣି। ମୁଖ୍ୟତଃ ଏହାର ମାଳି ଓ ବ୍ରେସ୍‌ଲେଟ୍ ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗିଥାଏ। ତା'ଛଡ଼ା ଶରୀରରେ ରୁଦ୍ରାକ୍ଷ ରହିଲେ ମନ ଶାନ୍ତ ରହିବା ସହ ସହନ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ଅନେକଙ୍କର ଧାରଣା ରହିଛି। କେବଳ ସେତିକି ନୁହେଁ ରୁଦ୍ରାକ୍ଷ ପିନ୍ଧିଲେ ଶରୀରକୁ ସର୍ବଦା ସଫାସୁତୁରା ରଖିବାକୁ ମଧ୍ୟ ମନ ସ୍ୱତଃ ଆମକୁ ପ୍ରେରଣା ଦେଇଥାଏ।

**ମୁନ୍‌ଷ୍ଟୋନ ନେକ୍‌ଲେସ୍:** ମୁନ୍‌ଷ୍ଟୋନ୍‌କୁ କେହି କେହି ଟ୍ରାଭେଲର୍ସ ଷ୍ଟୋନ ବୋଲି କହିଥାନ୍ତି। କୌଣସି ସ୍ଥାନକୁ ଯାତ୍ରା କରୁଥିବା ସମୟରେ ଏହି ନେକ୍‌ଲେସ୍‌କୁ ପିନ୍ଧିଲେ ଯାତ୍ରା ସଫଳ ହୋଇଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ତା'ଛଡ଼ା ଏହି ଷ୍ଟୋନ ଶରୀରରେ ଶକ୍ତି ସଞ୍ଚାର କରାଇବା ସହିତ ଦୁଃସାହସିକ କାମ କରିବାକୁ ମଧ୍ୟ ପ୍ରେରଣା ଦେଇଥାଏ।

**ଲାଭେଣ୍ଡର୍ ବ୍ରେସ୍‌ଲେଟ୍:** ସୁଗନ୍ଧଯୁକ୍ତ ବାଇଗଣିଆ ରଙ୍ଗର ଫୁଲ ଥିବା ଏକ ଜାତୀୟ ଗୁଳ୍ମକୁ ଅନୁକରଣ କରି ଏହି ବ୍ରେସ୍‌ଲେଟ୍‌କୁ ତିଆରି କରାଯାଇଥାଏ। କୁହାଯାଏ, ଏ ଧରଣର ବ୍ରେସ୍‌ଲେଟ୍‌କୁ କଟିରେ ପିନ୍ଧିଲେ ଦେହରେ ରକ୍ତ ସଂଚାଳନ ଠିକ୍‌ରେ ହୋଇଥାଏ, ଯଦ୍ୱାରା ମନ ପ୍ରଫୁଲ୍ଲ ରୁହେ।

**ଚକ୍ର ଓ ପଦ୍ମ ଫୁଲର ଚିହ୍ନ:** ପଦ୍ମ ଫୁଲ କିମ୍ବା ଚକ୍ର ଚିହ୍ନ ଥିବା ଜୁଏଲେରିକୁ ପିନ୍ଧିଲେ ମନ ଶାନ୍ତ ରହିବା ସହ ଶରୀରରେ ଶକ୍ତି ସଞ୍ଚାର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତା'ସହିତ କାମ କରିବାକୁ ମଧ୍ୟ ଆଗ୍ରହ ଜାତ ହୁଏ। ଏହି ଜୁଏଲେରି ଶରୀରରେ ରହିଲେ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବାକୁ ମଧ୍ୟ ମନ ଚାହିଁଥାଏ।

**ଓମ୍ ଲକେଟ୍:** ଓମ୍ ଉଚ୍ଚାରଣରେ ହିଁ ଶରୀରରେ ଶକ୍ତି ବୃଦ୍ଧି ହେବା ସହ ଇନ୍ଦ୍ରିୟଗୁଡ଼ିକ ସକ୍ରିୟ ହୋଇଥାନ୍ତି। ତା'ସହିତ ଆତ୍ମଶାନ୍ତି ମିଳିଥାଏ। ଏପରି କି ଓମ୍ ଲକେଟ୍ କିମ୍ବା ଓମ୍ ଡିଜାଇନ୍‌ର ମୁଦି ପିନ୍ଧିଲେ ବି ସ୍ୱତଃ ମନରେ ଏହି ଧାରଣା ଜାତ ହୁଏ ବୋଲି ମଧ୍ୟ ଲୋକବିଶ୍ୱାସ ରହିଛି। ତା'ଛଡ଼ା ଏହା ସକାରାତ୍ମକ ଚିନ୍ତାଧାରା ବି ଜାଗ୍ରତ କରାଇଥାଏ।

**ଯୋଗ ମୁଦ୍ରା ଥିବା ଜୁଏଲେରି:** ଏ ଷ୍ଟାଇଲ୍‌ର ଜୁଏଲେରି ବି ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବା ପାଇଁ ପ୍ରବର୍ତ୍ତାଇଥାଏ। ଯୋଗର ବିଭିନ୍ନ ମୁଦ୍ରା ଥିବାରୁ ମନ ମଧ୍ୟ ସେହି ଦିଗରେ ଅଗ୍ରସର ହେବାକୁ ଇଚ୍ଛା କରିଥାଏ। ଫଳରେ ଶରୀର ଫିଟ୍ ଆଣ୍ଡ ଫାଇନ୍ ରୁହେ।










## ଦୀକ୍ଷା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡେ ନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ : ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, ଫୋନ୍ ନଂ : (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: କୁମାର ଶରତ

## ହାଃ ହାଃ

### ବାନ୍ତି

ଏକ ପାର୍ଟିରେ ସମସ୍ତେ ବାନ୍ତି କରୁଥାଆନ୍ତି। ଜଣେ ଚୁପ୍‌ଚାପ୍ ଠିଆ ହୋଇଥାଆନ୍ତି। ଏହା ଦେଖି ମହେଶ ସେହି ବ୍ୟକ୍ତିଙ୍କୁ- ଏଠି ସମସ୍ତେ ବାନ୍ତି କାହିଁକି କରୁଛନ୍ତି ?

ବ୍ୟକ୍ତି- କେଜାଣି ? ପ୍ରଥମେ ତ ମୁଁ ବାନ୍ତି କଲି। ସମସ୍ତେ ନାକ ଟେକିବାରୁ ତାକୁ ମୁଁ ପୁଣିଥରେ ଖାଇଦେଲି। ସେତେବେଳଠାରୁ ଜଣକ ପରେ ଜଣେ ବାନ୍ତି କରି ଚାଲିଛନ୍ତି।

### ପ୍ୟାର୍


ପୁଅ ଝିଅକୁ- ଚଲ୍‌ତେ ଚଲ୍‌ତେ ୟୁଁ ହିଁ ରୁକ୍ ଜାତା ହୁଁ ମୈ, ବୈଠେ ବୈଠେ ୟୁଁ ହି ଖୋ ଜାତା ହୁଁ ମୈ। କ୍ୟା ୟହି ପ୍ୟାର୍ ହୈ, କ୍ୟା ୟହି ପ୍ୟାର୍ ହୈ... ?

ଝିଅ- ନାଇଁ ଭାଇ, ଇଏ ପ୍ରେମ ନୁହେଁ ଦୁର୍ବଳତା। ସବୁଦିନ ଚ୍ୟବନପ୍ରାଶ୍ ଖାଅ।

### ଖୁସି

ମୋହନ ଗୋପାଳକୁ- ଭାଇ, 'ଖୁସି'ର ଅର୍ଥ କ'ଣ ?

ଗୋପାଳ- ମୁଁ କେମିତି ଜାଣିବି ଭାଇ ? ମୋର ତ କମ୍ ବୟସରୁ ହିଁ ବାହାଘର ହେଇଯାଇଛି।






# ଶ୍ରୀ ମନକୁଳ ବିନୟାଗର୍ ମନ୍ଦିର






ମନକୁଳ ବିନୟାଗର୍ ମନ୍ଦିର ହେଉଛି ଏକ ହିନ୍ଦୁ ମନ୍ଦିର, ଯାହା ପ୍ରଭୁ ଶ୍ରୀଗଣେଶଙ୍କୁ ସମର୍ପିତ। ଏହା ପୁଡୁଚେରୀର ଏକ ଲୋକପ୍ରିୟ ତୀର୍ଥସ୍ଥାନ ତଥା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବେ ଦେଶବିଦେଶରେ ପରିଚିତ। କୁହାଯାଏ, ଏହି ମନ୍ଦିରଟି କୁଆଡେ ୫୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା। ଏତେ ବର୍ଷର ପୁରୁଣା ମନ୍ଦିର ହୋଇଥିଲେ ବି ଏଥିରେ ହୋଇଥିବା ନିଖୁଣ କାରିଗରି ଏବେ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

## ନାମକରଣକୁ ନେଇ ଲୋକକଥା

ମନ୍ଦିରର ମୁଖ୍ୟ ଦେବତା ମନକୁଳ ବିନୟାଗର୍‌ଙ୍କ ନାମକରଣକୁ ନେଇ ଏକ ଲୋକକଥା ଶୁଣିବାକୁ ମିଳିଥାଏ। ତାମିଲ୍ ଭାଷା ମନଲ୍ ଓ କୁଲମ୍‌ରୁ ଏହି ନାମକରଣ ହୋଇଥିବା କୁହାଯାଏ। ତାମିଲ୍ ଭାଷାରେ ମନଲ୍‌ର ଅର୍ଥ ବାଲି ଏବଂ କୁଲମ୍‌ର ଅର୍ଥ ହେଉଛି ସମୁଦ୍ର ନିକଟସ୍ଥ ପୁଷ୍କରିଣୀ। ପୂର୍ବେ ଏହି ମନ୍ଦିର ନିକଟରେ ଏକ ପୁଷ୍କରିଣୀ ଥିଲା, ଯାହା ବାଲିଦ୍ୱାରା ଆବଦ୍ଧ ହୋଇ ରହିଥିଲା। କାରଣ ମନ୍ଦିରଠାରୁ ପ୍ରାୟ ୪୦୦ ମିଟର ଦୂରରେ ରହିଛି ବଙ୍ଗୋପସାଗର। ଏଥିପାଇଁ ଭକ୍ତଗଣ ପ୍ରଥମେ ପ୍ରଭୁଙ୍କୁ ମନଲ୍ କୁଲାଥୁ ବିନୟାଗର୍ ବୋଲି ସମ୍ବୋଧନ କରୁଥିଲେ, ଯାହାର ଅର୍ଥ ଥିଲା ବାଲି ଭର୍ତ୍ତି ପୁଷ୍କରିଣୀର ପ୍ରଭୁ। ସମୟକ୍ରମେ ଏହା ଅପଭ୍ରଂଶ ହୋଇ ଏବେ ମନକୁଳ ବିନୟାଗର୍ ଭାବେ ଲୋକମୁଖରେ ପରିଚିତ।

## ମନ୍ଦିରର କାରୁକାର୍ଯ୍ୟ

ମନ୍ଦିରର ଦେବତା ଯେମିତି ପ୍ରତ୍ୟକ୍ଷ, ମନ୍ଦିରର କାରୁକାର୍ଯ୍ୟ ମଧ୍ୟ ସେମିତି ମନଲୋଭା। ଖାସ୍ ସେଇଥିପାଇଁ ବର୍ଷକ ବାରମାସ ଏଠାରେ ଭକ୍ତଙ୍କ ଭିଡ଼ ଥାଏ। ପ୍ରଭୁଙ୍କୁ ଦର୍ଶନ କରିବା ସହିତ ସେମାନେ ବହୁତ ସୁନାରୁପା ଅଳଙ୍କାର ତଥା ଦକ୍ଷିଣା ମଧ୍ୟ ମନ୍ଦିରକୁ ଦାନ କରିଥାନ୍ତି। ମନ୍ଦିର ଟ୍ରଷ୍ଟ ତରଫରୁ ପ୍ରଭୁଙ୍କ ପାଇଁ ଶାଗୁଆନ କାଠରେ ପ୍ରାୟ ୧୦ ଫୁଟ ଉଚ୍ଚତା ଏବଂ ୬ ଫୁଟ ଓସାର ବିଶିଷ୍ଟ ଏକ ରଥ ତିଆରି ହୋଇଛି, ଯେଉଁଥିରେ ଭକ୍ତଙ୍କଠାରୁ ଦାନ ଆକାରରେ ଆସୁଥିବା ସୁନାକୁ ସାଜସଜ୍ଜା ପାଇଁ ବ୍ୟବହାର ମଧ୍ୟ କରାଯାଇଛି। କୁହାଯାଏ, ଏହି ରଥରେ କୁଆଡେ ୭.୫ କି.ଗ୍ରା. ଓଜନର ସୁନା ସାଜସଜ୍ଜା ପାଇଁ ବ୍ୟବହୃତ ହୋଇଛି। ଏହି ରଥ ହେଉଛି ମନ୍ଦିରର ଅନ୍ୟତମ ମୁଖ୍ୟ ଆକର୍ଷଣ।

## ଦର୍ଶନ ସମୟ

ଏହି ମନ୍ଦିରରେ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଭୋର୍ ୫.୪୫ରୁ ମଧ୍ୟାହ୍ନ ୧୨.୩୦ ଏବଂ ଅପରାହ୍ନ ୪ଟାରୁ ରାତି ୯.୩୦ ଯାଏଁ ସମୟ ଧାର୍ଯ୍ୟ କରାଯାଇଛି। ତେବେ ବିଭିନ୍ନ ପର୍ବପର୍ବାଣି ତଥା ଛୁଟିଦିନମାନଙ୍କରେ ଆବଶ୍ୟକ ପଡିଲେ ଉକ୍ତ ସମୟସୀମାରେ କିଛିଟା ପରିବର୍ତ୍ତନ ମଧ୍ୟ କରାଯାଇଥାଏ।

## କେବେ ଯିବେ

ପର୍ଯ୍ୟଟକ ଚାହିଁଲେ ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିବାକୁ ଯାଇପାରିବେ। ତେବେ ବ୍ରହ୍ମୋତ୍ସବ ଓ ଗଣେଶ ଚତୁର୍ଥୀ ହେଉଛି ଏହି ମନ୍ଦିରର ଦୁଇ ମୁଖ୍ୟ ପର୍ବ। ଏହାକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ସମୟରେ ବହୁ ଜନସମାଗମ ହୁଏ। ତା’ଛଡ଼ା ନୂଆବର୍ଷ, ଦୀପାବଳି, ପୋଙ୍ଗଲ୍ ସମୟରେ ବି ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି।

## କେମିତି ଯିବେ

ଚେନ୍ନାଇ ଇଣ୍ଟରନ୍ୟାଶନାଲ୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟତମ ମୁଖ୍ୟ ବିମାନବନ୍ଦର, ଯାହା ପୁଡୁଚେରୀଠାରୁ ପ୍ରାୟ ୧୩୫ କି.ମି. ଦୂରରେ ଅବସ୍ଥିତ। ଚେନ୍ନାଇ ଏୟାର୍‌ପୋର୍ଟରୁ ଉକ୍ତ ମନ୍ଦିରକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ମଧ୍ୟ ରହିଛି। ଅନ୍ୟପକ୍ଷେ ଭିଲୁପ୍ପୁରମ୍ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ପୁଡୁଚେରୀର ନିକଟବର୍ତ୍ତୀ ମୁଖ୍ୟ ରେଳଷ୍ଟେଶନ। ତା’ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ଯୋଗେ ମଧ୍ୟ ପର୍ଯ୍ୟଟକ ଏଠାକୁ ବୁଲିଆସିପାରିବେ।





# କୁକୁରଙ୍କ ସମୂହ ସ୍କିପିଂ

ଝିଅମାନଙ୍କ ପ୍ରିୟ ଖେଳ ଭିତରେ ସ୍କିପିଂ ଅନ୍ୟତମ। ଫିଟ୍‌ନେସ୍ ପାଇଁ କିଛି ପୁରୁଷ ବି ସ୍କିପିଂ କରି ଥାଆନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ କିଛି ପ୍ରାଣୀ ବି ସ୍କିପିଂ କରିବାରେ ଧୂରୀଣ ଥାଆନ୍ତି। ପ୍ରାଣୀଙ୍କୁ ଉଚିତ ତାଲିମ ଦେଲେ ସେମାନେ ଅସମ୍ଭବକୁ ବି ସମ୍ଭବ କରିପାରନ୍ତି। ଠିକ୍ ଯେମିତି କିଛି କୁକୁର ସମୂହଭାବେ ସ୍କିପିଂ କରି ସମସ୍ତଙ୍କୁ ଚକିତ କରିବା ସହ ରେକର୍ଡ ସୃଷ୍ଟି କରିଛନ୍ତି।୨୦୧୩, ଜାନୁୟାରୀ ୧୭ ତାରିଖରେ ଜାପାନ, ସିଜୁକାସ୍ଥ ଫୁଜିରେ ଲାୟନ ଟିଭିର ପ୍ରସାରିତ 'ଅଫିସିଆଲି ଆମାଜିଂ' କାର୍ଯ୍ୟକ୍ରମରେ ଉଚିଡା ଜିଉନୁସାଙ୍କ 'ସୁପର ୱାନ ୱାନ' ସର୍କସ୍‌ର ୧୪ଟି କୁକୁର ସ୍କିପିଂ କରିଥିଲେ। ଏକ ଲମ୍ବା ସ୍କିପିଂକୁ ଦୁଇଜଣ ଦୁଇପଟୁ ଧରି ବୁଲାଇଥିଲେ। ଆଉ ଏହି କୁକୁରମାନେ ଡେଇଁଥିଲେ। ଏମିତି ୧୬ ଥର ସ୍କିପିଂ ବୁଲା ହେଲା ଓ କୁକୁରମାନେ ଡେଇଁ ଆନନ୍ଦର ସହ ଖେଳିଲେ। ୧୪ଟି କୁକୁର ମଧ୍ୟରୁ ୭ଟି ଥିଲେ ନୂଆ ଓ ଅନ୍ୟ ୭ ଜଣ ଥିଲେ ପୂର୍ବରୁ ରେକର୍ଡଧାରୀ ଖେଳାଳି। ଆଉ ସମସ୍ତେ ମିଶି ସୃଷ୍ଟି କରିଥିଲେ ନୂଆ ଏକ ରେକର୍ଡ।





## କାର୍ଟୁନ କର୍ଣ୍ଣର



# ମିଷ୍ଟର ପର୍‌ଫେକ୍ଟ



ବିନୋଦ ରାଉତ

ବିନୋଦ ରାଉତ ! ଯାହାଙ୍କର ପରିଚୟ ଦବାକୁ କୌଣସି ଉପକ୍ରମଣିକାର ଆବଶ୍ୟକତା ପଡ଼େନା । ସେ କାହା ପାଇଁ ଲିଟିଲ୍ ମାଷ୍ଟର ତ ଆଉ କାହା ପାଇଁ ଜଣେ ସଫଳ ସେଞ୍ଚୁରିଆନ୍ (ଅର୍ଥାତ୍ ଶତାଧିକ ନାଟକର ନିର୍ଦ୍ଦେଶକ) । ଆଜିର ତାରିଖରେ ସେ ହେଉଛନ୍ତି ଏମିତି ଜଣେ ନିର୍ଦ୍ଦେଶକ, ଯାହାଙ୍କ ନାଁରେ ହିଁ ନାଟକ ଚାଲେ । ତେବେ ଏକଥା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ, ତାଙ୍କର ନାଟ୍ୟ ଜଗତକୁ ଆସିବାର କୌଣସି କୌଣସି ବିଧିବଦ୍ଧ ଇଚ୍ଛା କିମ୍ବା ଉଦ୍ୟମ ହିଁ ନ ଥିଲା । ସେ ତ ପ୍ରଖ୍ୟାତ ଫିଲ୍ମ ନିର୍ଦ୍ଦେଶକ ରବି କିନାଗୀଙ୍କ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ । ଗୋଟେ ଖିଆଲ୍‌ରେ ସେ ପଶିଆସିଲେ ଯାତ୍ରାକୁ । ଆଉ ତାଙ୍କର ପ୍ରଥମ ନାଟକ ଥିଲା ବିଗତ ଦିନର ସଫଳ ଯାତ୍ରାନୁଷ୍ଠାନ ତାରିଣୀ ଗଣନାଟ୍ୟର 'ଅସୁରମାନଙ୍କ ସହର' । ନାଟ୍ୟକାର ଥିଲେ ଅଧ୍ୟାପକ ଚିନ୍ମୟ ଦାସ । ବାସ୍, ନାଟକ ହେଲା । ଆଉ ସେ ଯାତ୍ରା ପ୍ରେମରେ ବାନ୍ଧି ହୋଇଗଲେ । କଥାଟିକୁ ଏମିତି କହିଲେ ବେଶି ଠିକ୍ ହେବ ଯେ, ଯାତ୍ରା ଜାଣିଶୁଣି ତା' ପ୍ରେମରେ ବିନୋଦଙ୍କୁ ବାନ୍ଧି ରଖିଲା । କାରଣ ସେ ଚାହୁଁଥିଲା, କେହିଜଣେ ଆସୁ । ଆଉ ତା' ସହିତ ଏକ ଲମ୍ବା ଇନିଂସ ଖେଳୁ । ସମ୍ଭବତଃ ପ୍ରଥମ ଦେଖାରେ ହିଁ ଯାତ୍ରା ଜାଣି ଯାଇଥିଲା ବିନୋଦ ହେଉଛନ୍ତି ଏକ ଲମ୍ବା ରେସ୍‌ର ଖେଳାଳି । ଆଉ ଲମ୍ବା ଟ୍ରାକ୍‌ର ସ୍ପ୍ରିଣ୍ଟର ।

ଓଡ଼ିଆ ଯାତ୍ରା ଜଗତର ମୁକୁଟବିହୀନ ବାଦ୍‌ଶାହ ଅନନ୍ତ ଓଝାଙ୍କ ସହ ବିନୋଦ ରାଉତଙ୍କ ଯୁଗଳବନ୍ଦୀର ପଟାନ୍ତର ନାହିଁ । ଅନନ୍ତ-ବିନୋଦଙ୍କ ଯୋଡ଼ିଦାରରେ ଓଡ଼ିଶା ଯାତ୍ରା ଜଗତକୁ ମିଳିଛି ବହୁ ଲୋକପ୍ରିୟ ନାଟକ । ସେତିକି ନୁହେଁ, ଯାତ୍ରାର ଦର୍ଶକମାନଙ୍କୁ ପାରମ୍ପରିକ କାହାଣୀର ଘଟାଟୋପ ମଧ୍ୟରୁ ବାହାର କରି ନୂଆ, ସତେଜ ତଥା ବୈପ୍ଳବାତ୍ମକ ଯାତ୍ରାଧାରାରେ ସାମିଲ କରିବାରେ ଏହି ଯୋଡ଼ିଙ୍କର ରହିଥିଲା ଏକ ଗୁରୁତ୍ୱପୂର୍ଣ୍ଣ

## ଅନନ୍ତଙ୍କ ଅଭାବ ୧୦୦ରୁ ୧୦୦

ଅବଦାନ । ଦୁହେଁ ଦୁହିଙ୍କ ପାଇଁ ଥିଲେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସେଇଥିପାଇଁ ତ ଆଜି ବି ସେ ସ୍ୱର୍ଗତ ଓଝାଙ୍କ ଅଭାବକୁ ମର୍ମେମର୍ମେ ଅନୁଭବ କରୁଛନ୍ତି । ସେ କହନ୍ତି: ଅନନ୍ତ ଓଝାଙ୍କ ଅଭାବ ମୁଁ ୧୦୦ରୁ ୧୦୦ ପ୍ରତିଶତ ଅନୁଭବ କରୁଛି । ତାଙ୍କ କଲମରେ ବାସ୍ତବତା ଥିଲା । ସେ ଅଚାନକ ଏମିତି ସିଚୁଏସନ୍ ସୃଷ୍ଟି କରି ଦଉଥିଲେ ଯାହା ଚିନ୍ତା କରିବା କଷ୍ଟଦାୟକ ।

ବର୍ତ୍ତମାନର ନାଟ୍ୟକାରଙ୍କ କଥା ଉଠିଲେ ସେ କହନ୍ତି: ଆଜିର ନାଟ୍ୟକାରଙ୍କ ମଧ୍ୟରେ କଲ୍‌ଚର କମ୍ । ତେଣୁ ଆଉଟ୍‌ପୁଟ୍ ଦୁର୍ବଳ । ତେବେ ବର୍ତ୍ତମାନ ପିଢ଼ିର ଉଦୀୟମାନ ନାଟ୍ୟକାର ଅରୁଣ ବାରିକଙ୍କ ନିକଟରେ ସେ ଯଥେଷ୍ଟ ସମ୍ଭାବନା ଦେଖିପାରୁଛନ୍ତି । ଭବିଷ୍ୟତରେ ଅରୁଣ ଯେ, ଜଣେ ଖୁବ୍ ଉଚ୍ଚକୋଟୀର ନାଟ୍ୟକାର ହେବେ ଏହାକୁ ନେଇ ସେ ବେଶ୍ ଆଶାବାଦୀ ।

ନାଟକକୁ ନେଇ ବିନୋଦଙ୍କର ରହିଛି ଢେର ସାରା ସ୍ୱପ୍ନ । ସେ କହନ୍ତି : ମୋର ଇଚ୍ଛା ଏମିତି ଗୋଟେ ନାଟକ କରନ୍ତି, ଯେଉଁଥିରେ ଆରମ୍ଭରୁ ଶେଷଯାଏ କେବଳ ଓଡ଼ିଆପଣର ମହକ ଛୁଟନ୍ତା । ନାଟକଟି ଗାଁ ଗାଁ ବାସନ୍ତା । ସଂଳାପରୁ ମାଟିର ଗନ୍ଧ ଉଠନ୍ତା । ଅଭିନୟରୁ ଶାଗ ପଖାଳର ବାସ୍ନା ଉଠି ଟେଣ୍ଟସାରା ଚହଟି ଯାଆନ୍ତା ।

ମା' ପାର୍ବତୀ ରାଉତ, ସହଧର୍ମିଣୀ ସୌଦାମିନୀ, ପୁଅ ମୌର୍ଯ୍ୟ ଏବଂ ଝିଅଙ୍କୁ ନେଇ ତାଙ୍କର ଛୋଟ ସଂସାର । ମା'ଙ୍କୁ ନିଜର ସବୁଠୁ ପ୍ରିୟ ମଣିଷ ବୋଲି ମନେ କରୁଥିବା ବିନୋଦ କହନ୍ତି: 'ନିର୍ଦ୍ଦେଶକ ରବି କିନାଗୀ ଖୁବ୍ ନିଟ୍ କାମ କରନ୍ତି । ସବୁକାମକୁ ପର୍‌ଫେକ୍ଟ କରନ୍ତି । ଯଦି ଅଭିନେତ୍ରୀ ହାତରୁ ପଟେ ଚୁଡ଼ି କମିଯାଇଛି, ତା'ହେଲେ ସେ କାମ ବନ୍ଦ ରଖନ୍ତି । ମୁଁ ତାଙ୍କଠୁ ଏଇ ପର୍‌ଫେକ୍ଟନେସ୍ ଶିଖିଛି ।' ବାସ୍ତବରେ ବିନୋଦଙ୍କ ନିର୍ଦ୍ଦେଶିତ ନାଟକଗୁଡ଼ିକୁ ଦେଖିଲେ ସେ କେତେ ପର୍‌ଫେକ୍ଟ ତାହାର ପ୍ରମାଣ ମିଳିଯାଏ । ଆଉ ତାଙ୍କର ପରିଚୟ ପାଇଁ କୌଣସି ବିଶେଷଣର ଆବଶ୍ୟକତା ନ ଥିଲେ ମଧ୍ୟ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ସହିତ ଏକଥା କହିବାକୁ ହୁଏ, ସେ ହେଉଛନ୍ତି ଯଲିଉଡ଼ର 'ମିଷ୍ଟର ପର୍‌ଫେକ୍ଟ' ।

# ଯାତ୍ରା ଭବାନୀରେ ଚିନ୍ମୟୀ



ମୂଳରୁ ଅଭିନୟ ପ୍ରତି ରୁଚି ଥିଲା ଚିନ୍ମୟୀ ପଣ୍ଡା ଓରଫ ଚିନୁଙ୍କର । ଡ୍ରାମାରେ ରୋଲ୍‌କରି ବେଶ୍ ପ୍ରଶଂସିତ ହୋଇଥିଲେ । ତେବେ ଯାତ୍ରାକୁ ଯେ ପ୍ରଫେସନ୍ କରିବେ, ସେକଥା ସେ ଭାବି ନ ଥିଲେ । ସୁଯୋଗ ବି ଆସି ନ ଥିଲା । ହେଲେ ଦିନେ ଅଚାନକ ଆସି ପହଞ୍ଚିଲା ସୁଯୋଗ । ବାଲେଶ୍ୱରର ଯାତ୍ରା ଅନୁଷ୍ଠାନ 'ଦର୍ଶକ ମହଲ'ର ନାୟିକା ମନ୍ଦାକିନୀଙ୍କୁ ଅଚାନକ ଛୁଟି ନେବାକୁ ପଡ଼ିଲା । ସେତେବେଳେ ଅଫର୍ ଆସିଲା ଚିନୁଙ୍କ ନିକଟକୁ । ସେ ଦର୍ଶକ ମହଲରେ ଯୋଗଦେଲେ ଓ ମନ୍ଦାକିନୀଙ୍କ ଆକ୍ଟିଂ ସମ୍ଭାଳିଲେ । ନାଟକଗୁଡ଼ିକ ଥିଲା 'ନ ଦିନ ପାଇଁ ନବକଳେବର', 'ମୁଁ ଈଶ୍ୱର ବେହେରା ଝିଅ', 'ମା ଲୋ କଲିକତିଆ ବୋହୂ' । ଏ ନାଟକ ସବୁରେ ନାୟିକା ଭୂମିକା ତୁଲାଇ ରାତାରାତି ଲୋକପ୍ରିୟ ହୋଇଗଲେ ଚିନୁ । ତା' ପରବର୍ଷ ତାଙ୍କୁ ମିଳିଲା 'ରଙ୍ଗମହଲ'ରେ ଅଭିନୟ କରିବାର ସୁଯୋଗ । 'ରଙ୍ଗମହଲ' ପରେ ଆସିଲେ 'ଗୌରୀ ଗଣନାଟ୍ୟ'କୁ । ଏଠାରେ ତାଙ୍କର 'ଦେଖିଲେ ଜାଣିବ ଦରଦ କେତେ', 'ସ୍ୱାମୀର ସିନ୍ଦୂର ସତ ଲାଗୁନି' ଏବଂ 'ମୁଁ ବାହୁବଳୀ' ଆଦି ନାଟକରେ ଅଭିନୟ ଦର୍ଶକଙ୍କୁ ବେଶ୍ ବିମୋହିତ କଲା । ଚଳିତ ଯାତ୍ରା ସିଜନ୍‌ରେ ସେ ଯୋଗ ଦେଇଛନ୍ତି ନୂଆ ଯାତ୍ରାନୁଷ୍ଠାନ 'ଯାତ୍ରା ଭବାନୀ'ରେ । ଅନୁଷ୍ଠାନରେ ସେ ଅଭିନୟ କରୁଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି- ଛ'ଣା ପୁରୁଷ ଦଶଣା ନାରୀ (ରଚନା- ଦାମ ପ୍ରଧାନ, ନିର୍ଦ୍ଦେଶନା- ଯୋଗେନ୍ଦ୍ର ମଲ୍ଲିକ) ଏବଂ ତୁଷାର ଘୋଷଙ୍କ ରଚିତ ତଥା ମୁନା ବିଶ୍ୱାଳଙ୍କ ନିର୍ଦ୍ଦେଶିତ ଦୁଇଟି ନାଟକ 'ଅନ୍ଧ ଦର୍ଶକ' ଓ 'ସଂସାରକୁ ମୋତେ ଡର ଲାଗୁଛି' । ତିନୋଟି ନାଟକରେ ଯଥାକ୍ରମେ ତପସ୍ୟା, ସୁମନ ଏବଂ ରାଧା ଭୂମିକାରେ ତାଙ୍କର ଅଭିନୟ ମଧ୍ୟ ଦମଦାର ହୋଇଛି । ଡଲି ଭୂୟାଁ ଓ ଟିକିନାଙ୍କୁ ନିଜର ପ୍ରିୟ ଅଭିନେତ୍ରୀ ଏବଂ ସୁରେଶ ପଣ୍ଡା ଓ ପ୍ରତାପଙ୍କୁ ନିଜର ପ୍ରିୟ ଅଭିନେତା ବୋଲି ମନେ କରୁଥିବା ଚିନ୍ମୟୀଙ୍କ ଘର ପୁରୀ ଜିଲ୍ଲାର ବାଲିସାହିସ୍ଥିତ ପଞ୍ଚନାଇକିଆ ଗ୍ରାମରେ । ଯାତ୍ରାକୁ କ୍ୟାରିଅର କରିବାରେ କୌଣସି ଅସୁବିଧା ନାହିଁ । ଅଭିନେତ୍ରୀମାନଙ୍କୁ ଯାତ୍ରା ମାଲିକମାନେ ବେଶ୍ ସୁରକ୍ଷା ପ୍ରଦାନ କରିଥା'ନ୍ତି ବୋଲି କହନ୍ତି ଏହି ଅଭିନେତ୍ରୀ ।

# ସବୁଠୁ ଛୋଟ ହେଲିକପ୍ଟର

ମାତ୍ର ଜଣେ ବସିପାରୁଥିବା ଏହି ହେଲିକପ୍ଟରର ନାଁ ଜେନ୍ ଏଚ୍-୪। ଜାପାନର ଜେନ୍ କର୍ପୋରେଶନ୍ ନାମକ ଏକ ଇଲେକ୍ଟ୍ରୋନିକ କମ୍ପାନୀ ହେଉଛି ଏହାର ନିର୍ମାତା। ୭୫ କି.ଗ୍ରା. ବିଶିଷ୍ଟ ଉକ୍ତ ଏକ ଜଣିକିଆ ଏୟାରକ୍ରାଫ୍ଟ ପୃଥିବୀର ସବୁଠୁ ଛୋଟ ହେଲିକପ୍ଟରର ମାନ୍ୟତା ପାଇଛି। ଏଥିରେ ଦୁଇଟି ରୋଟରର ଏକ ସେଟ୍ ଅଛି। ଆଉ ଏହା ଘଣ୍ଟା ପ୍ରତି ୫୦ କି.ମି. ବେଗରେ ଉଡ଼ିପାରେ। ଏଥିରେ ଏକ ଚେୟାର, ଫୁଟ୍ ରେଷ୍ଟ ଓ ହ୍ୟାଣ୍ଡେଲ ବାର୍ ଅଛି। ଏହାର ଡେଭଲପର୍ ଜେନାଇ ୟାନାଗିସାୱା କହନ୍ତି, ‘‘ଉକ୍ତ ହେଲିକପ୍ଟରର କନସେପ୍ଟ ଇଟାଲୀରୁ ଆସିଥିଲା। ତେଣୁ ଏହାର ପ୍ରଥମ ଉଡାଣରେ ମୁଁ ଭିନ୍ସି ଯିବାକୁ ଚାହୁଁଥିଲି, ଯାହାକି ଇଟାଲୀର ମହାନ୍ କଳାକାର ଓ ଉଦ୍ଭାବକଙ୍କୁ ମୋର ଶ୍ରଦ୍ଧାଞ୍ଜଳି ହେବ। ଆଉ ପ୍ରଥମ ଉଡାଣରେ ତାହା କରିପାରିଥିବାରୁ ବହୁ ଆତ୍ମସନ୍ତୋଷ ମିଳିଥିଲା।’’








# ଖପୁରି ପରି ହେବା ପାଇଁ...

ସୁନ୍ଦର ଆଖି, ନାକ, ଓଠ, କାନ ଥିବା ମଣିଷର ଚେହେରା ଲାଗେ ଭାରି ଆକର୍ଷକ। ହେଲେ ମୃତ୍ୟୁ ପରେ ଏଇ ଚେହେରା ପଛର ଖପୁରି କିନ୍ତୁ ଲାଗେ ଭାରି ଭୟାନକ। ତାକୁ ଦେଖିଦେଲେ ଲୋମଟାଙ୍କୁରି ଉଠେ। ହେଲେ କଲମ୍ବିଆର କାଲାକା ସ୍କଲ ନାମକ ଜଣେ ୨୨ ବର୍ଷୀୟ ଟାଟୁ ଆର୍ଟିଷ୍ଟ ନିଜ ଚେହେରାକୁ ଖପୁରିରେ ରୂପାନ୍ତରିତ କରିଦେଇଛନ୍ତି। ଭାବି ଆଶ୍ଚର୍ଯ୍ୟ ହେଉଥିବେ ଚେହେରାକୁ ଖପୁରି ପରି କିଭଳି କରିହେବ? ତେବେ କାଲାକା ବିଭିନ୍ନ ସର୍ଜରି ଓ ଟାଟୁ କରି ନିଜ ମୁହଁକୁ ଖପୁରିର ରୂପ ଦେଇଛନ୍ତି। ତେବେ ତାଙ୍କର ପ୍ରକୃତ ନାମ ହେଉଛି ଏରିକ୍ ୟେଇନର ହିନ୍‌କ୍ୟାପି ରମିରେଜ୍। ପିଲାଦିନୁ ତାଙ୍କ ଭିତରେ ଖପୁରିକୁ ନେଇ ଭଲ ପାଇବା ଓ ଆକର୍ଷଣ ଥିଲା। ଆଉ ନିଜ ଚେହେରାକୁ ବି ସେ ଖପୁରିରେ ରୂପାନ୍ତରିତ କରିବାକୁ ଚାହୁଁଥିଲେ। ହେଲେ ତାଙ୍କ ମା’ ଏହାକୁ ବିରୋଧ କରୁଥିଲେ। ଦୁଇ ବର୍ଷ ତଳେ କାଲାକାଙ୍କ ମା’ ମୃତ୍ୟୁବରଣ କଲେ। ଏହାପରେ ହିଁ ସେ ଚେହେରାକୁ ଖପୁରିରେ ରୂପାନ୍ତରିତ କରିବା ଆରମ୍ଭ କଲେ। ପ୍ରଥମେ ସେ ନାକର ତଳ ଭାଗରୁ ଅଧା କାଟିଲେ। କାରଣ ଖପୁରିର ନାକ ନ ଥାଏ। ଏହାସହିତ ଦୁଇ କାନର ବାହ୍ୟ ଅଂଶକୁ ବି କାଟିଦେଲେ। ଜିଭକୁ ଦୁଇ ଫାଳ କରି କାଟି ତାକୁ ଟାଟୁ ଦ୍ୱାରା ନୀଳ ଓ ଧୂସର ମିଶ୍ରିତ ରଙ୍ଗରେ ଟାଟୁ କରାଇଲେ। ଆଖିର ଧଳା ଅଂଶକୁ ବି କଳା କରାଇଲେ। କାନମୂଳଠାରୁ ଦୁଇ ଓଠ ଚାରିପଟେ ବିରାଟକାୟ ଦନ୍ତମାଳାର ଟାଟୁ କରିଛନ୍ତି। ଆଖି ଚାରିପଟେ ମୋଟା କଳା ରଙ୍ଗର ଟାଟୁ କରାଇଛନ୍ତି ଯେମିତିକି ତାହା ଆଖିର କୋରଡ ପରି ଲାଗିବ। କାଲାକା ହେଉଛନ୍ତି କଲମ୍ବିଆର ପ୍ରଥମ ବ୍ୟକ୍ତି, ଯିଏକି ନିଜର ନାକ ଓ ଦୁଇ କାନ କାଟିଛନ୍ତି। ଲୋକେ ତାଙ୍କୁ ଦେଖି ଭୟ କରନ୍ତି, ଅନେକେ ତାଚ୍ଛଲ୍ୟ ବି କରନ୍ତି। କେହି କେହି ପାଗଳ ବି କହନ୍ତି। ହେଲେ କାଲାକାଙ୍କ ଉପରେ ଏହାର ପ୍ରଭାବ ପଡି ନ ଥାଏ। ସେ ନିଜର ଏହି ଲୁକ୍‌କୁ ନେଇ ବେଶ୍ ସନ୍ତୁଷ୍ଟ। ସେ କୁହନ୍ତି, ମୁଁ ବି ଅନ୍ୟମାନଙ୍କ ଭଳି ସାଧାରଣ ମଣିଷ। ହେଲେ ଚେହେରା ଅସାଧାରଣ।





